# ଦେବୀ ନଦୀରେ ଅଲିଭ୍ ରିଡ୍‌ଲେଙ୍କ ମିଳନ ପ୍ରକ୍ରିୟା

ଅସ୍ତରଙ୍ଗ,୧୨।୧୨(ସମିସ): ପ୍ରତିବର୍ଷ ଭଳି ଚଳିତବର୍ଷ ଅସ୍ତରଙ୍ଗ ଦେବୀ ମୁହାଣ ଅଞ୍ଚଳକୁ ଆସିଲେଣି ବିରଳ ଅଲିଭ୍‌ରିଡ୍‌ଲେ କଇଁଛ। ଏହି ସାମୁଦ୍ରିକ କଇଁଛଙ୍କ ଜୀବନ ଶୈଳୀ ବେଶ ନିଆରା। ବର୍ଷର ସବୁ ସମୟରେ ଏହି ସାମୁଦ୍ରିକ କଇଁଛ ଭାରତ ମହାସାଗର ସହିତ ଶ୍ରୀଲଙ୍କା ଦୀପ ପୁଞ୍ଜ ନିକଟରେ ରହିଥିବା ଗଭୀର ସମୁଦ୍ର ମଧ୍ୟରେ ରହୁଥିବାବେଳେ ମିଳନ ସମୟ ତଥା ଅଣ୍ଡାଦାନ ଋତୁ ଆରମ୍ଭ ହେବା ପୂର୍ବରୁ ଏମାନେ ବସବାସ କରୁଥିବା ସ୍ଥାନ ଛାଡ଼ି ଓଡ଼ିଶା ଉପକୂଳର ବିଭିନ୍ନ ବେଳାଭୂମିକୁ ଆସିଥାନ୍ତି। ବିଶେଷକରି ଆମ ରାଜ୍ୟର ଗହୀରମଥା, ଋଷିକୁଲ୍ୟା ଏବଂ ଦେବୀ ମୁହାଣ ଅଞ୍ଚଳକୁ ଆସିଥାନ୍ତି। ନଭେମ୍ବରଠାରୁ ଜାନୁଆରୀ ମାସ ପର୍ଯ୍ୟନ୍ତ ଅତିଥି କଇଁଛମାନଙ୍କର ଚାଲିଥାଏ ମିଳନ ପ୍ରକ୍ରିୟା। ମିଳନ ପ୍ରକ୍ରିୟାର ୫୦ ରୁ ୬୦ ଦିନ ପରେ ଏହି କଇଁଛ ସମୁଦ୍ରର ଉପକୂଳକୁ ଆସି ବାଲି ପଠାରେ ଅଣ୍ଡାଦାନ କରି ପୁଣି ସମୁଦ୍ର ମଧ୍ୟକୁ ଫେରି ଯାଇଥାନ୍ତି। ଏହି କଇଁଛ ବିଶେଷ ଭାବେ ସମୁଦ୍ର ମଧ୍ୟରେ ସେମାନଙ୍କ ମିଳନ ପ୍ରକ୍ରିୟା ଆରମ୍ଭ କରୁଥିବା ଦେଖିବାକୁ ମିଳିଥାଏ। କିନ୍ତୁ ଚଳିତ ବର୍ଷ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିବା ପରି ଏକ ଦୃଶ୍ୟ ଦେଖିବା ପାଇଁ ମିଳିଛି। ସମୁଦ୍ର ଛାଡ଼ି ଦେବୀ ନଦୀ ମଧ୍ୟରେ ଏକାଧିକ ଅଲିଭରିଡ୍‌ଲେ କଇଁଛଗୁଡ଼ିକର ମିଳନ ଦୃଶ୍ୟ ଦେଖିବାକୁ ମିଳିଛି। ଯାହା ଆମ ପରିବେଶ ପାଇଁ ଏକ ଭଲ ଖବର ବୋଲି କହିଛନ୍ତି କେତେକ ପରିବେଶ କର୍ମୀ। ଚଳିତବର୍ଷ ଏହି କଇଁଛ ଦେବୀନଦୀ ମୁହାଣ ଅତିକ୍ରମ କରି ଦେବୀନଦୀ ମଧ୍ୟରେ ସେମାନଙ୍କ ମିଳନ ପ୍ରକ୍ରିୟା ଆରମ୍ଭ କରୁଥିବାର ଦେଖିବାକୁ ମିଳିଛି। ମତ୍ସ୍ୟଜୀବୀମାନେ ଦେବୀନଦୀ ମଧ୍ୟରେ ମାଛ ଧରିବାକୁ ଯାଉଥିବା ବେଳେ ଏହି କଇଁଛଙ୍କ ମିଳନ ପ୍ରକ୍ରିୟା ଦେଖି ସେ ସମୟର ଫଟୋ ଏବଂ ଭିଡିଓକୁ ନିଜ ମୋବାଇଲରେ ରେକର୍ଡ କରିଛନ୍ତି। ଅଲିଭରିଡ୍‌ଲେଙ୍କ ମିଳନ ପ୍ରକ୍ରିୟା ଦେଖିବା ପରେ ଏଠାରେ ସେମାନେ ସୁରକ୍ଷିତ ରହିବା ସହିତ ଅସ୍ତରଙ୍ଗ ଦେବୀମୁହାଣର ପରିବେଶ ସେମାନଙ୍କ ପାଇଁ ଉପଯୋଗୀ ହୋଇଥିବା କହିଛନ୍ତି ପରିବେଶବିତ୍ ଶୋଭାକର ବେହେରା। ଏଠାରେ ସୂଚନା ଥାଉକି ଏହି ଅତିଥିଙ୍କ ସୁରକ୍ଷା ପାଇଁ ସମୁଦ୍ର ଜଳପଥରେ ୨୦ କିଲୋମିଟର ପର୍ଯ୍ୟନ୍ତ ଯନ୍ତ୍ର ଚାଳିତ ଡଙ୍ଗାରେ ମାଛ ଧରା ଉପରେ କଟକଣା ଲାଗୁଥିବା ବେଳେ ଦେବୀ ନଦୀରେ ଏହି ବିରଳ ଜୀବ କିପରି ସୁରକ୍ଷିତ ରହିବେ ତା' ଉପରେ ବର୍ତ୍ତମାନ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ପରିବେଶ ପାଇଁ ଶୁଭ ସଙ୍କେତ

## ଉତ୍ତର ଚିଲିକାରେ ପକ୍ଷୀଙ୍କ କଳରବ

# ବିଦେଶୀ ପକ୍ଷୀଙ୍କୁ ବିପଦ ଫାଶୀ ଜାଲ, ନିଶା ଔଷଧ



କଣାସ,୧୨।୧୨(ସମିସ): ଶୀତର ଆଗମନ ହେଲେ ଏସିଆ ମହାଦେଶର ସର୍ବବୃହତ ହ୍ରଦ ନିଳାମ୍ବୁ ଚିଲିକାକୁ ପୃଥିବୀର ବିଭିନ୍ନ ପ୍ରାନ୍ତରରୁ ହଜାର ହଜାର ମାଇଲ ଅତିକ୍ରମ କରି ବିଭିନ୍ନ ପ୍ରଜାତିର ବିଦେଶାଗତ ପକ୍ଷୀ ପ୍ରତିବର୍ଷ ଆସିଥାଆନ୍ତି। ଚଳିତ ବର୍ଷ ମଧ୍ୟ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ବିଦେଶୀ ପକ୍ଷୀ ଚିଲିକାକୁ ଆସି ପହଞ୍ଚିଥିବା ଜଣାପଡ଼ିଛି। ନଳବଣ ସମେତ ଉତ୍ତର ଚିଲିକା ପକ୍ଷୀଙ୍କ କଳରବରେ ମୁଖରିତ ହେଉଛି। ନଳବଣରେ ଖାଦ୍ୟ ଅଭାବ ଯୋଗୁଁ ପକ୍ଷୀଗୁଡ଼ିକ ଚିଲିକାର ଉତ୍ତରନାଶି ବା ଦୟା ଓ ମକରାନଦୀର ମଧ୍ୟବର୍ତ୍ତୀ ଅଞ୍ଚଳକୁ ଅଧିକ ମାତ୍ରାରେ ଖାଦ୍ୟ ଅନେଷଣରେ ଚାଲିଆସୁଛନ୍ତି। ଉତ୍ତରନାଶିରେ ପ୍ରଚୁର ପରିମାଣର କଇଁଫୁଲ ଏବଂ କଳିକତିଦଳ ଥିବାରୁ ପକ୍ଷୀ ଦଳର ଭିଡ଼ ଜମିବାରେ ଲାଗିଛି।

ବାଲୁଗାଁ ପକ୍ଷୀସୁରକ୍ଷା ବିଭାଗ ପକ୍ଷରୁ ଚିଲିକା ମଧ୍ୟରେ ପକ୍ଷୀ ସୁରକ୍ଷା କଡ଼ାକଡ଼ି କରାଯାଇଥିବା ବେଳେ ଉତ୍ତରନାଶିରେ ପକ୍ଷୀସୁରକ୍ଷା ବ୍ୟବସ୍ଥା ନ ଥିବାରୁ ବାହାରର ଶିକାରୀମାନେ ଆସି ମାଛମାରିବା ନାମରେ ଫାଶୀଜାଲ ବସାଇବା ସହିତ କାଇଁଫୁଲ କେଶରରେ ସିରିଞ୍ଜ ମାଧ୍ୟମରେ ନିଶାଯୁକ୍ତ ତରଳ ପଦାର୍ଥ୍ୟ ଦେଉଛନ୍ତି। ପକ୍ଷୀଗୁଡ଼ିକ ଔଷଧ ଖାଇ ନିସ୍ତେଜ ହୋଇପଡ଼ିବା ପରେ ଶିକାରୀମାନେ ପକ୍ଷୀଗୁଡ଼ିକୁ ଧରି ଚାଲିଯାଇଥାନ୍ତି। ଆଖପାଖ ଗ୍ରାମବାସୀ କୂଳରେ ରହୁଥିବା ପକ୍ଷୀଗୁଡ଼ିକ ଉପରକୁ ଉଜ୍ଜ୍ୱଳ ଆଲୋକ ପକାଇ ଠେଙ୍ଗା ସାହାଯ୍ୟରେ ପିଟି ମାରୁଛନ୍ତି। ତେଣୁ ପକ୍ଷୀ ସୁରକ୍ଷା ପାଇଁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ଦାବି କରିଛନ୍ତି।

# ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କଲେ ବିଧାୟକ



ସାକ୍ଷୀଗୋପାଳ,୧୨।୧୨(ସମିସ): ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର ସତ୍ୟବାଦୀ ବ୍ଲକ୍ ଅଞ୍ଚଳରେ ୪ଟି ନୂତନ ପ୍ରକଳ୍ପ ର ଭିତ୍ତିପ୍ରସ୍ତର ସ୍ଥାପନ ସହିତ ନୂତନ ଗୃହ ଉଦ୍ ଘାଟନ କରିଥିଲେ। ମଧୁବନ ସେବା ସମବାୟ ସମିତି, ଦାସ ବିଦ୍ୟାଧର ପୁର ସେବା ସମବାୟ ସମିତି, ଭୀମପୁର ଅଙ୍ଗନବାଡ଼ି ଗୃହ, ଦାସ ବିଦ୍ୟାଧରପୁର ଠାରେ ଥିବା କମ୍ୟୁନିଟି ସେଣ୍ଟର ପ୍ରଭୃତିର ଶୁଭ ଉଦ୍‌ଘାଟନ ଓ ଶିଳାନ୍ୟାସ କରିଥିଲେ। ବିଧାୟକ ଶ୍ରୀ ମିଶ୍ର କହିଥିଲେ, ଧାନ ମଣ୍ଡିରେ ଚାଷୀ ଭାଇମାନେ ଅନେକ ସମୟରେ ଅସୁବିଧାରେ ଧାନ ରଖୁଥିଲେ। ରାଜ୍ୟ ସରକାର ଚାଷୀ ଭାଇମାନଙ୍କ ଅସୁବିଧା ଓ ସମସ୍ୟାକୁ ଦୃଷ୍ଟିରେ ରଖି ଧାନ ମଣ୍ଡିରେ କଭର ମଣ୍ଡି, ଧାନ ମଣ୍ଡି, ଚାଷୀ ଭାଇ ମାନଙ୍କ ନିମନ୍ତେ ପ୍ରତୀକ୍ଷାଳୟ ଓ ଶୌଚାଳୟ ନିର୍ମାଣ ନିମନ୍ତେ ପ୍ରଦେକ୍ଷେପ ନେଇଛନ୍ତି। ବଳରାମ ପୁର ଗଡ଼ ସେବା ସମବାୟ ସମିତି ନିମନ୍ତେ ୬୪.୪ ଲକ୍ଷ ଟଙ୍କା, ଦାସ ବିଦ୍ୟାଧରପୁର ସେବା ସମବାୟ ସମିତି ନିମନ୍ତେ ୬୪.୮୭ ଲକ୍ଷ ଟଙ୍କା, ଜାଗେଶ୍ୱରୀ ସେବା ସମବାୟ ସମିତି, ଅଳଗୁମ ନିମନ୍ତେ ୬୪.୭୮ ଲକ୍ଷ ଟଙ୍କା, ମଧୁବନ ସେବା ସମବାୟ ସମିତି ନିମନ୍ତେ ୬୪.୮୭ ଲକ୍ଷ ଟଙ୍କା ଓ ଶୁକଳ ସେବା ସମବାୟ ସମିତି ନିମନ୍ତେ ୬୫.୨ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରା ଯାଇଛି ବୋଲି ବିଧାୟକ ଶ୍ରୀ ମିଶ୍ର ସୂଚନା ପ୍ରଦାନ କରିଥିଲେ।

# କୋଣାର୍କ ଇକୋ ରିଟ୍ରିଟ୍ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

କୋଣାର୍କ,୧୨।୧୨(ସମିସ) ପୁରୀ-କୋଣାର୍କ ବେଳାମାର୍ଗ ରାମଚଣ୍ଡୀ ମୁହାଣ ନିକଟ ସ୍ୱର୍ଣ୍ଣାଭ ବେଳାଭୂମିରେ ଆରମ୍ଭ ହୋଇଛି କୋଣାର୍କ ଇକୋ ରିଟ୍ରିଟର ସପ୍ତମ ସଂସ୍କରଣ। ବେଳାଭୂମି ହୋଇଉଠିଛି ଚଳଚଞ୍ଚଳ। ଶୁକ୍ରବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ଆନୁଷ୍ଠାନିକ ଭାବେ ଫିତାକାଟି ଉଦ୍‌ଘାଟନ କରିଥିଲେ। ଉପମୁଖମନ୍ତ୍ରୀ ପ୍ରଭାତୀ ପରିଡ଼ା ଉପସ୍ଥିତ ଥିଲେ। ବେଳାଭୂମିରେ ୭୦ ତମ୍ବୁଘର ଓ ବିଚ୍ ବାର ଖୋଲାଯାଇଛି। ଏହି ତମ୍ବୁଘରେ ଗୋଟିଏ ରାତି ପାଇଁ ୫ହଜାର ୪ଶହ ଟଙ୍କାରୁ ୨୪ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି। ପର୍ଯ୍ୟଟକଙ୍କ ପାଇଁ ତମ୍ବୁ ଘରେ ରାତ୍ରିଯାପନ ପାଇଁ ତାରକା ହୋଟେଲ ଭଳି ସମସ୍ତ ସୁବିଧା ରହିଛି। ପର୍ଯ୍ୟଟକମାନେ ବେଳାଭୂମିରେ ରହି ପ୍ରାକୃତିକ ପରିବେଶକୁ ମନଭରି ଉପଭୋଗ କରିବେ। ବୁକିଙ୍ଗ କରିଥିବା ପର୍ଯ୍ୟଟକମାନେ ୧୩ତାରିଖରୁ ତମ୍ବୁ ଘରେ ରହିବେ। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ସ୍ୱର୍ଣ୍ଣାଭ ବେଳାଭୂମିରେ ଜଳକ୍ରୀଡ଼ା, ବିଚ ସାକ, ପାରାସେଲିଙ୍ଗ, ସାଇକେଲ ଚାଳନା, ସଂଗୀତ ଓ ଯୋଗ ଭିତିକ କାର୍ଯ୍ୟକ୍ରମ ରହିଛି। ଏହି ଉଦ୍‌ଘାଟନୀ ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ଜଗତସିଂହପୁର ସାଂସଦ ବିଭୁପ୍ରସାଦ ତରାଇ, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ପର୍ଯ୍ୟଟନ ସଚିବ ବଲୱନ୍ତ ସିଂ, ପର୍ଯ୍ୟଟନ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ଏହା ଆସନ୍ତା ୩ମାସ ଧରି ଚାଲିବ ବୋଲି ପର୍ଯ୍ୟଟନ ସଚିବ ବଲବନ୍ତ ସିଂ ପ୍ରକାଶ କରିଛନ୍ତି। ଏହି ମହୋତ୍ସବକୁ ପର୍ଯ୍ୟଟନ ବିଭାଗ ସହ ନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନ, ପୁରୀ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟ ରଂଜନ ପୃଷ୍ଟି, ସୂଚନା ଓ ଲୋକସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାର ସେଠୀଙ୍କ ସମେତ ପର୍ଯ୍ୟଟନ ବିଭାଗର ପଦାଧିକାରୀ ପରିଚାଳନା କରିଥିଲେ।




# ଗଣତିମଣତି ହେଲା ଶ୍ରୀଅଲାରନାଥଙ୍କ ରତ୍ନ ଅଳଙ୍କାର



ବ୍ରହ୍ମଗିରି,୧୨।୧୨(ସମିସ): ଶ୍ରୀଅଲାରନାଥ ଦେବ ମନ୍ଦିର ଟ୍ରଷ୍ଟ ବୋର୍ଡ, ମନ୍ଦିର ସେବାୟତ ଓ ସ୍ଥାନୀୟ ପ୍ରତିନିଧିଙ୍କ ଉପସ୍ଥିତରେ ଏକ ବୈଠକ ମନ୍ଦିର ପରିସରରେ ଶ୍ରୀଚୈତନ୍ୟ ଚକଡ଼ାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବ୍ରହ୍ମଗିରି ବ୍ଲକ୍‌ର ମଣ୍ଡଳ ଉନ୍ନୟନ ଅଧିକାରୀ ତଥା ମନ୍ଦିର ପରିଚାଳନା କମିଟି ସଭ୍ୟ ମନୀଷା ଷଡ଼ଙ୍ଗୀ ସଭାପତିତ୍ୱ କରିଥିଲେ। ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କୃଷ୍ଣଚନ୍ଦ୍ର ମାଝୀ ସମସ୍ତ ଉପସ୍ଥିତ ଟ୍ରଷ୍ଟ ବୋର୍ଡ ସଦସ୍ୟ, ସେବାୟତ, ସ୍ଥାନୀୟ ପ୍ରତିନିଧିଙ୍କୁ ସ୍ୱାଗତ କରିଥିଲେ। ଅତିରିକ୍ତ ତହସିଲଦାର ଶରତ କୁମାର ଦେହୁରୀ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରି କହିଥିଲେ ଠାକୁରଙ୍କ ସୁନା, ରୁପା, ରତ୍ନ ଆଦି ଅଳଙ୍କାର ଗଣତି ମଣତି ହେବାର ଆବଶ୍ୟକ ରହିଛି। ଦୁଇବର୍ଷ ତଳେ ସମସ୍ତ ସୁନା ରୁପା ମଣତି ହୋଇ ମନ୍ଦିର ରତ୍ନ ଭଣ୍ଡାରରେ ରହିଛି। ବିଗତ ଦୁଇବର୍ଷ ମଧ୍ୟରେ ଦାନ ଅବା ଅନ୍ୟ ସୂତ୍ରରୁ ମିଳିଥିବା ଅଳଙ୍କାର ମଣତି ହେବା ଦରକାର। ସମସ୍ତ ଉପସ୍ଥିତ ସଭ୍ୟ, ସେବାୟତ ଉକ୍ତ ପ୍ରସ୍ତାବକୁ ସମର୍ଥନ କରିଥିଲେ। ଦୁଇ ବର୍ଷ ମଧ୍ୟରେ ମିଳିଥିବା ସୁନାରୁପା ଅଳଙ୍କାର ସମସ୍ତଙ୍କ ଉପସ୍ଥିତିରେ ଓଜନ, ଗଣତି ମଣତି କରାଯାଇଥିଲା। ଦାନ ସୂତ୍ରରେ ମିଳିଥିବା ସୁନା ଖଡୁ , ସୁନା ମୁଦି, ସୁନା ଚିତା, ମଥାମଣି, ପଦକ ହାର ଏବଂ ରୂପାର ପାଉଜି, ମୁକୁଟ, ମେଖଳା ଆଦିକୁ ଓଜନ କରାଯାଇ ତାଲିକା କରାଯାଇ ଥିଲା। ସମସ୍ତଙ୍କର ଉପସ୍ଥିତିରେ ଲୁହା ଚାମ୍ବର ରତ୍ନ ଭଣ୍ଡାର ଖୋଲା ଯାଇ ତାହା ଭିତରେ ରଖାଯାଇ ଥିଲା। ପୁଣି ଚାବି କରାଯାଇ ସିଲ୍ କରାଯାଇ ଥିଲା। ଠାକୁରଙ୍କ ରତ୍ନ ଅଳଙ୍କାର ଗଣତି ମଣତି ହୋଇଥିବାରୁ ସେବାୟତ ଏବଂ ଶ୍ରୀ ଅଲାରନାଥଙ୍କ ଶ୍ରଦ୍ଧାଳୁ ଖୁସି ବ୍ୟକ୍ତ କରିଥିଲେ। ଟ୍ରଷ୍ଟ ବୋର୍ଡର ସଭ୍ୟ ନାରାୟଣ ପଣ୍ଡା, ଲୋକନାଥ ସୁଆର, ନୃସିଂହ ଜେନା, କାଶୀନାଥ ନାୟକ, ଥାନା ଅଧିକାରୀଙ୍କ ପ୍ରତିନିଧି, ସବ୍‌ରେଜିଷ୍ଟରଙ୍କ ପ୍ରତିନିଧି, ନିର୍ବାହୀ ଯନ୍ତ୍ରୀଙ୍କ ପ୍ରତିନିଧିଙ୍କ ସହିତ ବରିଷ୍ଠ ସେବକ ସବାୟତ ଶିବ ସୁଆର, ନୀଳମଣି ସୁଆର, ମଧୁସୂଦନ ପୂଜାପଣ୍ଡା, ସୁରେନ୍ଦ୍ର ସୁଆର, ବିଜୟ ସୁଆର ପ୍ରମୁଖ ଉପସ୍ଥିତ ରହି ଗଣତି ମଣତିରେ ସହଯୋଗ କରିଥିଲେ।

# ସାକ୍ଷୀଗୋପାଳରେ 'ଆସ ସ୍କୁଲ ଯିବା' ଅଭିଯାନ

ସାକ୍ଷୀଗୋପାଳ,୧୨।୧୨(ସମିସ): ସତ୍ୟବାଦୀ ବ୍ଲକ୍ ବ୍ରାହ୍ମଣପଡ଼ା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଶ୍ୱନାଥପୁର କ୍ଲଷ୍ଟରର ଶିକ୍ଷା ସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱନାଥପୁର ଏବଂ ଦୁଗଲ ପଞ୍ଚାୟତରେ ଅଧାରୁ ପାଠ ତ୍ୟାଗ କରିଥିବା ଓ ଆଦୌ ନାମ ନ ଲେଖାଇଥିବା ଛାତ୍ର ଛାତ୍ରୀଙ୍କୁ ୬ରୁ ୧୮ ବର୍ଷ ମଧ୍ୟରେ ରାଜ୍ୟ ମୁକ୍ତ ବିଦ୍ୟାଳୟ (ଏସ୍‌ଓଆଇଏସ୍) ଏବଂ ଜାତୀୟ ମୁକ୍ତ ବିଦ୍ୟାଳୟ (ଏନ୍‌ଓଆଇଏସ୍) ରେ ନାମ ଲେଖାଇବା ପାଇଁ ସଚେତନ କରାଯାଇଛି। ସାଧନ ସଂଯୋଜକ ଅଜୟ କୁମାର ପ୍ରଧାନଙ୍କ ପୌରୋହିତ୍ୟରେ ଆୟୋଜିତ ଶିକ୍ଷା ସଭାରେ ବିଶ୍ୱନାଥପୁର ସରପଞ୍ଚ ସର୍ବେଶ ଷଡ଼ଙ୍ଗୀ ଓ ସମିତି ସଭ୍ୟ ଜଗନ୍ନାଥ ଷଡ଼ଙ୍ଗୀ ଯଥାକ୍ରମେ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଗୋପୀନାଥ ଦେବ ନୋଡାଲ ଉଚ୍ଚ ବିଦ୍ୟାଳୟ, ବିଶ୍ୱନାଥପୁର ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ତ୍ରିପାଠୀ, ଦୁଗଲ ୟୁଜିୟୁପି ବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ତୋଷ କୁମାର ତ୍ରିପାଠୀ, ପାଟଣା ସାହି ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଉମେଶ ସିଂ, ବୀରଗୋବିନ୍ଦପୁର ନୋଡାଲ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅମୃତା ମିଶ୍ର, ବାସୁଦେଇପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ନାୟକ, ପାଣିଭଣ୍ଡାର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସରୋଜିନୀ ମହାପାତ୍ର, ବୀରଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ କାଶିଆ ବେହେରା, ଉତ୍ତନସାହି ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ପ୍ରଭାତୀ ମିଶ୍ର ଏବଂ ଏସ୍‌ଏମ୍‌ସିର ସଦସ୍ୟ, ସଦସ୍ୟା ବୃନ୍ଦ ଉପସ୍ଥିତ ରହି ଆସ ସ୍କୁଲ ଯିବା ଅଭିଯାନର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ଅଭିଯାନରୁ ମିଳିଥିବା ସଫଳତାର କାହାଣୀ ଏବଂ ସରକାରଙ୍କ ଆଭିମୁଖ୍ୟ ଉପରେ ବିଶଦ ଭାବରେ ଆଲୋକପାତ କରିଥିଲେ। ବିଶ୍ୱନାଥପୁର କ୍ଲଷ୍ଟର ଅନ୍ତର୍ଗତ ବିଶ୍ୱନାଥପୁର ପଞ୍ଚାୟତର ୮ଟି ଏବଂ ଦୁଗଲ୍ ପଞ୍ଚାୟତର ପାଞ୍ଚଟି ମୋଟ ୧୩ଟି ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ପ୍ରଧାନ ଶିକ୍ଷୟିତ୍ରୀ, ସହ ଶିକ୍ଷକ, ସହ ଶିକ୍ଷୟିତ୍ରୀ ପ୍ରମୁଖ ଯୋଗ ଦେଇ ଅଧାରୁ ପାଠ ଛାଡିଥିବା ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକଙ୍କୁ ସଚେତନ କରାଇଥିଲେ। ଏହି ଅଭିଯାନକୁ ସଫଳ କରିବା ନିମନ୍ତେ ଶିକ୍ଷକ, ପିଆର୍‌ଆଇ ସଦସ୍ୟ ଓ ଏସଏମସି ସଦସ୍ୟ ଶପଥ ପାଠ କରିଥିଲେ। ବ୍ରାହ୍ମଣ ପଡ଼ା ପ୍ରକଳ୍ପ ଉଚ୍ଚ ପ୍ରଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରବି ନାରାୟଣ ମହାନ୍ତି ଏହି ଅଭିଯାନର ସଫଳ ରୂପାୟନ ନିମନ୍ତେ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ମାଳବିକା ସ୍ୱାଇଁ କାର୍ଯ୍ୟକ୍ରମ ସଂଯୋଜନା ଓ ଧନ୍ୟବାଦ ଅର୍ପଣ କରିଥିଲେ।

# ଗୋପବନ୍ଧୁଙ୍କ ଆବକ୍ଷ ପ୍ରତିମୂର୍ତ୍ତି ପ୍ରତିଷ୍ଠା



କଣାସ,୧୨।୧୨(ସମିସ): ଉତ୍କଳମଣି ଗୋପବନ୍ଧୁ ବିଦ୍ୟାନିକେତନ ପରିସରରେ ଉତ୍କଳମଣି ଗୋପବନ୍ଧୁଙ୍କର ଏକ ଆବକ୍ଷ ପ୍ରତିମୂର୍ତ୍ତି ବିଶିଷ୍ଟ ଶିକ୍ଷାବିତ୍ ଓ ସମାଜସେବୀ ସତ୍ୟବାଦୀ ଦାଶଙ୍କ କରକମଳରେ ପ୍ରତିଷ୍ଠା ହୋଇଛି। ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ବିଦ୍ୟାଳୟ ପ୍ରକୋଷ୍ଠରେ ପ୍ରଧାନଶିକ୍ଷୟିତ୍ରୀ ସୁନନ୍ଦା ପାତ୍ରଙ୍କ ପୌରୋହିତ୍ୟରେ ଏକ ସାରସ୍ୱତ ସଭାର ଆୟୋଜନ କରାଯାଇଥିଲା। ମୁଖ୍ୟଅତିଥି ଶ୍ରୀ ଦାଶ ଉତ୍କଳମଣିଙ୍କ ବହୁମୁଖୀ ପ୍ରତିଭା ଏବଂ ଓଡ଼ିଶା ପ୍ରଦେଶ ଗଠନରେ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନୀତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳୀ ସେଠୀ, ଶିକ୍ଷାବିତ୍ ଯୁଗଳ ଚରଣ ସୁବୁଦ୍ଧି ଏବଂ ଆଲୁମିନି ସଭାପତି କ୍ଷୀରୋଦ କୁମାର ମଙ୍ଗରାଜ ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ନାମକରଣରେ ଆଜି ଯଥାର୍ଥତା ପ୍ରତିପାଦିତ ହୋଇଛି ବୋଲି କହିଥିଲେ। ଏହି ସଭାରେ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ କରୁଣାକର ମହାପାତ୍ର, ଟିକନ ଚନ୍ଦ୍ର ପେଣ୍ଟାଇ, ପ୍ରାକ୍ତନ ଶିକ୍ଷକ ସୁରେନ୍ଦ୍ର ନାଥ ସ୍ୱାଇଁ, ସୁଧୀର ଚନ୍ଦ୍ର ନରେନ୍ଦ୍ର, ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଭ୍ୟ ସଭ୍ୟା ମାନେ ଯୋଗଦେଇ ଦୀର୍ଘ ଦିନପରେ ବିଦ୍ୟାଳୟ ପୂର୍ଣ୍ଣାଙ୍ଗ ପ୍ରାପ୍ତ ହୋଇଥିବାରୁ ସନ୍ତୋଷ ପ୍ରକାଶ କରିଥିଲେ। ଛାତ୍ରଛାତ୍ରୀ ଉତ୍କଳମଣି ଗୋପବନ୍ଧୁଙ୍କ ଲିଖିତ କବିତା ପାଠ କରିଥିଲେ। ଶିକ୍ଷକ ସୁଧୀର ଚନ୍ଦ୍ର ନାୟକ ମଞ୍ଚ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମର ପରିଚାଳନାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଅଣଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ।

# କୁଣ୍ଢେଇ କେନାଲ ବନ୍ଧ ରାସ୍ତା ଶୋଚନୀୟ



ନୟାହାଟ,୧୨।୧୨(ସମିସ): ନୟାହାଟ ବଜାରରୁ ଟ୍ରାଫିକ ସମସ୍ୟା ଦୂରକରିବା ପାଇଁ କୁଣ୍ଢେଇ କେନାଲର ବାମ ପାଶ୍ୱର୍ ବନ୍ଧ ଦୀର୍ଘ ୫ବର୍ଷ ତଳେ ୪୦ ଲକ୍ଷ ଟଙ୍କା ବ୍ୟୟରେ ବାରଗଡ଼ାଠାରୁ କାନାରା ବ୍ୟାଙ୍କ ପର୍ଯ୍ୟନ୍ତ ୧୫୦୦ ମିଟର ପିଚୁ ରାସ୍ତା ନିର୍ମାଣ ହୋଇଥିଲା। ନୟାହାଟ ବଜାରକୁ ଓସାର କରାଯାଉ ନଥିବାରୁ ବୁଧବାର ରବିବାର ହାଟ ବାରି ମାନଙ୍କରେ ଘଣ୍ଟା ଘଣ୍ଟା ଧରି ରାସ୍ତା ଉପରେ ସହ ସହ ସଂଖ୍ୟାରେ ଗାଡ଼ି ମଟର ଅଟକି ରହିବା ଫଳରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିଲା। କେନାଲ ବନ୍ଧରେ ବାଇପାସ୍ ରାସ୍ତା ନିର୍ମାଣ କରାଯିବା ଫଳରେ ଦୁଇ ଚକିଆ ଓ ତିନି ଚକିଆ ଗାଡ଼ି ଯାଇ ଯୋଗେଶ୍ୱର ପୁର ଛକରେ ବାହାରୁଥିଲେ। ଏହି କେନାଲ ବନ୍ଧ ଉପରେ ଭାରିଯାନ ଯିବା ଫଳରେ ରାସ୍ତା ଫାଟି ନଷ୍ଟ ହୋଇଗଲାଣି। ଯାହାଫଳରେ ଯାତାୟାତ ପାଇଁ ଘୋର ଅସୁବିଧା ସୃଷ୍ଟି ହେଉଛି। ଏ ଦିଗରେ ଜଳସେଚନ ବିଭାଗର ସହାୟକ ଯନ୍ତ୍ରୀ ତପନ କୁମାର ନାୟକଙ୍କୁ ପଚାରିବାରେ ସେ କହିଥିଲେ ଯେ, ସରକାରୀ ଅନୁଦାନ ମିଳିଲେ କାର୍ଯ୍ୟ ହେବ।

# ଡାକ୍ତରଖାନାର ସ୍ଥିତି ଅନୁଧ୍ୟାନ କଲେ ସିଡିଏମଓ

'ସକାଳ' ପ୍ରଭାବ




ବଳଙ୍ଗା,୧୨।୧୨(ସମିସ): ବଳଙ୍ଗା ଡାକ୍ତରଖାନାର ଦୟନୀୟ ସ୍ଥିତି ନେଇ ଦୈନିକ 'ସକାଳ'ରେ ଖବର ପ୍ରକାଶ ପାଇଥିଲା। ଏହା ଦେଖିବା ପରେ ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଭେଟି ଏହି ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ଯାହାକୁ ଗୁରୁତ୍ୱ ଦେଇ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଅକ୍ଷୟ କୁମାର ଶତପଥୀ ଡାକ୍ତରଖାନାରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ସୂଚନାଯୋଗ୍ୟ ୭୭ବର୍ଷ ତଳର ଏହି ଡାକ୍ତରଖାନା ଏବେ ବହୁ ସମସ୍ୟା ଦେଇ ଗତି କରୁଛି। ପୂର୍ବରୁ ଯାହା ସୁବିଧା ମିଳୁଥିଲା, ଏବେ ସେଥିରେ ଅବନତି ହୋଇଛି ସିନା କୌଣସି ଅଗ୍ରଗତି କରିନାହିଁ। ଦୀର୍ଘ ବର୍ଷ ଦାବି ଫଳରେ ନୂତନ ଗୃହ ନିର୍ମାଣ ହୋଇଥିଲେ ମଧ୍ୟ ଆବଶ୍ୟକୀୟ ଡାକ୍ତର ଓ ଅନ୍ୟ ଆବଶ୍ୟକୀୟ ସହଯୋଗୀ ନଥିବାରୁ ସ୍ୱାସ୍ଥ୍ୟ ସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ହୋଇଥିବାରୁ କେବଳ ଗୋଟିଏ ଓଳି ଚିକିତ୍ସା ସେବା ମିଳୁଛି। ରାତ୍ର କାଳୀନ ଗୁରୁତର ରୋଗୀ ଅନ୍ୟତ୍ର ଯିବା ସମୟରେ ଚିକିତ୍ସା ପୂର୍ବରୁ ବାଟରେ ମୃତ୍ୟୁ ବରଣ କରୁଛନ୍ତି। ପ୍ରାୟ ୧୫ ବର୍ଷ ହେବ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି। ନିୟମିତ ଡାକ୍ତର ରହୁନଥିବା ବେଳେ ବହୁ ପୁରାତନ ଡାକ୍ତର ଓ ଫାର୍ମାସିଷ୍ଟଙ୍କ ପାଇଁ ଉଦ୍ଦିଷ୍ଟ ଆଜବେଷ୍ଟସ ଗୃହ ବାସ ଅନୁପଯୋଗୀ ହୋଇ ପଡ଼ିଛି। ଦୀର୍ଘ ବର୍ଷ ହେବ ସହାୟକ ନଥିବାରୁ ସଫେଇ କର୍ମଚାରୀ ଡ୍ରେସିଙ୍ଗ କରୁଛନ୍ତି। ଆଗରୁ ପ୍ରତ୍ୟେକ ଦିନ ୧୫୦ରୁ ଉର୍ଦ୍ଧ୍ୱ ରୋଗୀ ଦୈନିକ ଆସୁଥିବା ବେଳେ ବର୍ତ୍ତମାନ ୨୦ ଜଣ ଭିତରେ ସାଧାରଣ ରୋଗୀ ଆସୁଥିବା ଜଣାପଡ଼ିଛି। ଆବଶ୍ୟକୀୟ ମହିଳା ସ୍ୱାସ୍ଥ୍ୟ କର୍ମୀ ନାହାନ୍ତି। ଡାକ୍ତର ନିଯୁକ୍ତି ପାଇଁ ବିଭିନ୍ନ ସମୟରେ ଅନଶନ, ତାଲାବନ୍ଦ, ରାସ୍ତା ରୋକ୍ ହେଉଥିଲେ ମଧ୍ୟ ତାହାର କୌଣସି ପ୍ରଭାବ ପଡୁନଥିବା ଜଣାପଡ଼ିଛି। ଏହି ଡାକ୍ତରଖାନା ଉପରେ ନିମାପଡ଼ା, ପିପିଲି ଓ ସତ୍ୟବାଦୀ ନିର୍ବାଚନ ମଣ୍ଡଳୀର ୧୨ଟି ପଞ୍ଚାୟତବାସୀ ନିର୍ଭର କରିଥାନ୍ତି। ଦୀର୍ଘ ବର୍ଷ ହେବ ଆୟୁଷ ଡାକ୍ତର ଅନୁପସ୍ଥିତି ରହିଥିବା ଜଣାପଡ଼ିଛି। ଏବେ ଥଣ୍ଡା, ଜ୍ୱର, କାଶ ପ୍ରଭୃତି ବ୍ୟାପୁଥିବାବେଳେ ସ୍ଥାନୀୟ ଲୋକେ ଅନଭିଜ୍ଞ ଚିକିତ୍ସକଙ୍କ ଦ୍ୱାରା ବାହାରେ ଚିକିତ୍ସିତ ହୋଇ ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି। ପରିସରରେ ମାଳମାଳ ପୁରାତନ ଅବ୍ୟବହୃତ ଗୃହ ଗୁଡ଼ିକରେ ସରୀସୃପ ବାସ କଲେଣି। ତୁରନ୍ତ ଡାକ୍ତର ଓ ଆବଶ୍ୟକୀୟ କର୍ମଚାରୀ ନିଯୁକ୍ତ କରାଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଅନ୍ୟପକ୍ଷରେ ଏହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ପାଇଁ ବିଚାର ଚାଲିଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରକାଶ କରିଛନ୍ତି।



## ପୌର ପରିଷଦ ପକ୍ଷରୁ 'ଖତ' ବିକ୍ରି ଶୁଭାରମ୍ଭ




ନୟାଗଡ଼,୧୨।୧୨(ସମିସ): ନୟାଗଡ଼ ପୌର ପରିଷଦ ପକ୍ଷରୁ ପୁରୁଣା ଦୁର୍ଗାମଣ୍ଡପଠାରେ ଆଜିଠାରୁ ଖତ ବିକ୍ରି ଶୁଭାରମ୍ଭ କରାଯାଇଛି । ନୟାଗଡ଼ ପୌର ପରିଷଦ ଅଧ୍ୟକ୍ଷା ନିରୂପମା ଖଟେଇ ଏହାକୁ ଉଦଘାଟନ କରିଛନ୍ତି । ଚଳିତ ବର୍ଷର ଖତ ବିକ୍ରି ପାଇଁ ସ୍ୱତନ୍ତ୍ର ଷ୍ଟଲ ବ୍ୟବସ୍ଥା କରାଯାଇଛି । ପ୍ରତ୍ୟେକ ଦିନ ୧୧ଟାରୁ ୨ଟା ପର୍ଯ୍ୟନ୍ତ ଏହି ସ୍ଥାନରେ ଖତ ବିକ୍ରି ହେବ ବୋଲି ସୂଚନା ମିଳିଛି । ଉଦଘାଟନ କାର୍ଯ୍ୟକ୍ରମରେ କାଉନସିଲର ସ୍ୱୟପ୍ରଭା ମିଶ୍ର, ଲକ୍ଷ୍ମୀଧର ମହାପାତ୍ର, ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟଙ୍କ ସମେତ ପୌର ପରିଷଦ କର୍ମଚାରୀ ଗଜେନ୍ଦ୍ର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ । କେଜି ପିଛା ୧୦ ଟଙ୍କା ହିସାବରେ ଖତ ବିକ୍ରି ହେଉଥିବା ସୂଚନା ମିଳିଛି ।

## ଲକ୍ଷାଧିକ ଟଙ୍କାର ସାମଗ୍ରୀ ନେଇଗଲେ ଦୁର୍ବୃତ୍ତ

ଭାପୁର,୧୨।୧୨(ସମିସ): ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନାଠାରୁ ଅନତି ଦୂରରେ ଅବସ୍ଥିତ ସାନ କୃଷ୍ଣଚନ୍ଦ୍ରପୁର ଗ୍ରାମର ବାଳକୃଷ୍ଣ ବେହେରା ଏୟାର ଫୋର୍ସରେ ନିଯୁକ୍ତି ପାଇ ହାଇଦ୍ରାବାଦରେ ପରିବାର ସହିତ ରହନ୍ତି। ସେ ଗ୍ରାମକୁ ଆସି ଫେରିବାର ଦିନକ ପରେ ରାତ୍ରିରେ ଘରେ କଳାକନା ବୁଲାଇଦେଇଛନ୍ତି ଚୋର। ଚୋର ଛାତ ଉପରୁ ସିଡ଼ି ଘର ପଟେ ୬ଟି ତାଲା ଭାଙ୍ଗି ବାଳକୃଷ୍ଣଙ୍କ ଶୋଇବା ଘରେ ପଶିଥିଲେ। ଗଡରେଜ, ଆଟାଚ୍ ଭାଙ୍ଗି ୧ କେଜିର ରୁପା ଗହଣା ସହିତ ଅନ୍ୟାନ୍ୟ ଦାମୀ ଜିନିଷ ନେଇ ପଳାଇଛନ୍ତି। ଏଥିସହ ଲୁଗାପଟା ଚିରାଚିରି କରିଦେଇଛନ୍ତି। ସୌଭାଗ୍ୟବଶତଃ ରହିଥିବା ୨୦ ଗ୍ରାମର ସୁନା ଅଳଙ୍କାରର ଟେର ପାଇପାରି ନ ଥିଲେ ଚୋର। ସକାଳୁ ତାଙ୍କ ପାଖଘରେ ରହୁଥିବା ବଡ଼ଭାଇ ହରେକୃଷ୍ଣ ବେହେରା ଚୋରି ଘଟଣା ଜାଣିବା ପରେ ସାନ ଭାଇକୁ ଜଣାଇଥିଲେ। ଏଥିସହିତ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ କରି ଫେରିଥିବା ଥାନା ସୂତ୍ରରୁ ଜଣାପଡ଼ିଛି।

## କାର୍ ଧକ୍କାରେ ଯୁବ ବ୍ୟବସାୟୀଙ୍କ ମୃତ୍ୟୁ

ଭାପୁର,୧୨।୧୨(ସମିସ): ଦୁର୍ଘଟଣାରେ ଜଣେ ଯୁବ କବାଡ଼ିଆ ବେପାରୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ବିଜିପୁର ପଞ୍ଚାୟତ ସୁନାଖଳା ଗ୍ରାମର ସୁକାନ୍ତ କୁମାର ଜେନା (୪୫)। ସେ ବେପାର ସାରି ଭଉଣୀ ଘରକୁ ଯାଉଥିବା ସମୟରେ ଏକ କାର ଦ୍ରୁତ ଗତିରେ ଆସି ଯୁବକଙ୍କୁ ଧକ୍କା ଦେଇ ପଳାଇଥିଲା। ଘଟଣା ସ୍ଥାନରେ ଯୁବକଙ୍କ ମୃତ୍ୟୁ ହୋଇଯାଇଛି। କବାଡ଼ିଆ ବେପାର କରି ପରିବାର ପ୍ରତିପୋଷଣ କରୁଥିଲେ। ଶୁକ୍ରବାର ସନ୍ଧ୍ୟାରେ ଏଭଳି ଘଟଣା ଘଟିଛି। ଭଉଣୀ ଘର ବୋଲଗଡ଼ ବ୍ଲକ୍ ବାଲସିଂହ ଗ୍ରାମକୁ ଯାଉଥିବା ସମୟରେ ଭାପୁର କଳାପଥର ବାଇପାସ ହନୁମାନ ମନ୍ଦିର ନିକଟରେ ଭାପୁର ପଟୁ ଭୁବନେଶ୍ୱର ଆଡକୁ ଯାଉଥିବା ଏକ କାର ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଭାପୁର ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ ହେଁ ଡାକ୍ତର ଯୁବକଙ୍କୁ ମୃତ ଘୋଷଣା କରିଥିଲେ। ମୃତ ସୁକାନ୍ତଙ୍କ ର ଦୁଇଟି ନାବାଳକ ପୁଅ ଅଛନ୍ତି। ଆସନ୍ତାକାଲି ଖଣ୍ଡପଡ଼ାରେ ଶବ ବ୍ୟବଚ୍ଛେଦ ପରେ ପରିବାରକୁ ଶବ ହସ୍ତାନ୍ତର କରାଯିବ ବୋଲି ପୁଲିସ ସୂତ୍ରରୁ ଜଣାପଡ଼ିଛି।

**ନୟାଗଡ଼ ଜିଲ୍ଲା ମହୋତ୍ସବ**

# ଗତବର୍ଷ ଖର୍ଚ୍ଚକୁ ନେଇ ଉଠିଲାଣି ପ୍ରଶ୍ନ

ନୟାଗଡ଼,୧୨।୧୨(ସମିସ)

ନୟାଗଡ଼ ଜିଲ୍ଲା ମହୋତ୍ସବ ହେଉଛି ଜିଲ୍ଲାର ଗୌରବ ଓ ଗାରିମା । କିନ୍ତୁ ଜିଲ୍ଲା ମହୋତ୍ସବ କିଛି ନ୍ୟସ୍ତ ସ୍ୱାର୍ଥ ଜନିତ ଅଧିକାରୀଙ୍କ ପାଇଁ ଲେଉଟିଆ କିଆରି । ଡ୍ରାଏ ଡିଷ୍ଟ୍ରିକ୍ଟ ଭାବେ ପରିଚିତ ନୟାଗଡ଼ ଜିଲ୍ଲାରେ ଅର୍ଥର ଅଭାବ ଲାଗି ରହିଥିବା ବେଳେ ମହୋତ୍ସବରେ ହେଉଥିବା ଖର୍ଚ୍ଚକୁ ନେଇ ଏବେ ସବୁଠି ପ୍ରଶ୍ନ ଉଠିଲାଣି । ୨୦୨୪ ମସିହା ମହୋତ୍ସବ ଆୟ ଓ ବ୍ୟୟକୁ ନେଇ ସବୁଠି ଦ୍ୱନ୍ଦାତ୍ମକ ସ୍ଥିତି ସୃଷ୍ଟି ହୋଇଛି। ବ୍ୟାପକ ଅର୍ଥ ହେରାଫେରି କରାଯାଇଥିବା ସନ୍ଦେହ ସୃଷ୍ଟି କରିଛି । ଗତବର୍ଷ ଜିଲ୍ଲା ମହୋତ୍ସବ ପାଇଁ ବିଭିନ୍ନ ଉତ୍ସରୁ ପାଣ୍ଠି ସଂଗ୍ରହ ହୋଇଥିଲା । ସଂସ୍କୃତି ବିଭାଗରୁ ୧୫ ଲକ୍ଷ, ଓରମାସରୁ ୧୮ ଲକ୍ଷ, ବିଭିନ୍ନ ବିଭାଗୀୟ ଷ୍ଟଲରୁ ୪ ଲକ୍ଷ ୨୦ ହଜାର, ଗ୍ରାମ ପଞ୍ଚାୟତ ଫଣ୍ଡରୁ ୯ ଲକ୍ଷ ୪୦ ହଜାର, ଖାଦ୍ୟ ଓ ଅନ୍ୟାନ ଷ୍ଟଲରୁ ୪ ଲକ୍ଷ ୭୦ ହଜାର, କୃଷି ବିଭାଗରୁ ୧୪ ଲକ୍ଷ ୫୦ ହଜାର, ମିଶନ ଶକ୍ତି ବିଭାଗରୁ ୮ ଲକ୍ଷ ଟଙ୍କା ଯୋଗାଡ଼ ହୋଇଥିଲା । ଗତବର୍ଷ ମହୋତ୍ସବରେ ଲଗାଣ ବର୍ଷା ଓ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ଶୋକ ଉଦ୍ଦେଶ୍ୟରେ ଫିକା ପଡ଼ିଥିଲା । ତଥାପି ମହୋତ୍ସବ ଯେନତେନ ହୋଇଥିବା ବେଳେ ଖର୍ଚ୍ଚ ତାଲିକାରେ କିନ୍ତୁ କୌଣସି କମି ନଥିବା ଦେଖାଯାଇଛି । ଗତବର୍ଷ ମହୋତ୍ସବ ଟେଣ୍ଟ ନିର୍ମାଣ ପାଇଁ ୩୧ ଲକ୍ଷ ୬୧ ହଜାର ୯୨୮ ଟଙ୍କା ବ୍ୟୟ କରାଯାଇଥିବା ସୂଚନା ମିଳିଛି । ଫୁଲ ସଜା ପାଇଁ ୬୪ ହଜାର ୫ ଶହ, ବିଦ୍ୟୁତ୍ ବାବଦ ୧ ଲକ୍ଷ ୩୭ ହଜାର, ପାନୀୟ ଜଳ ଓ ସ୍ୱଚ୍ଛତା ପାଇଁ ୩୭ ହଜାର, ସିକ୍ୟୁରିଟ୍ ସର୍ଭିସ ପାଇଁ ୧ ଲକ୍ଷ ୯୩ ହଜାର ୮୧୫ ଟଙ୍କା, ବୀମା ପାଇଁ ୧୮ ହଜାର ୬୨୧ ଟଙ୍କା, ମହୋତ୍ସବ ବିଭିନ୍ନ ବୈଠକ ପାଇଁ ୨୦ ହଜାର ଟଙ୍କା, ଜର୍ମାନୀ ହ୍ୟାଙ୍ଗର ପାଇଁ ୮ ଲକ୍ଷ ୪୦ ହଜାର ଟଙ୍କା, ଫ୍ଲେକ୍ସ ଓ ଅନ୍ୟାନ ହୋଡିଂ ପାଇଁ ୮୦ ହଜାର ୩ ଶହ ଟଙ୍କା, ବେଲୁନ୍ ପାଇଁ ୧ ଲକ୍ଷ ଟଙ୍କା, ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ୭ ଲକ୍ଷ ୮୫ ହଜାର ଟଙ୍କା, ଖାଦ୍ୟ ପାଇଁ ୧ ଲକ୍ଷ ୭୨ ହଜାର ଟଙ୍କା, ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜକଙ୍କ ପାଇଁ ୧୫ ହଜାର ଟଙ୍କା, ମଞ୍ଚ ପରିଚାଳନା ପାଇଁ ୧ ଲକ୍ଷ ୨୭ ହଜାର ୧୪୪ ଟଙ୍କା, ଗାଡ଼ି ଓ ରିଫ୍ରେସ୍ମେଣ୍ଟ ପାଇଁ ୯୮ ହଜାର ୫ ଶହ ଟଙ୍କା, ସ୍ଥାନୀୟ ଯାତାୟତ ପାଇଁ ୫୪ ହଜାର ୬୮୦ ଟଙ୍କା ବ୍ୟୟ ହୋଇଥିବା ସୂଚନା ମିଳିଛି । ସବୁ ପ୍ରକାର ଖର୍ଚ୍ଚରେ ସନ୍ଦେହ ଜନକ ସ୍ଥିତି ସୃଷ୍ଟି ହୋଇଛି । ଚଳିତ ବର୍ଷ ମହୋତ୍ସବ ପ୍ରଥମ ପ୍ରସ୍ତୁତି ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ ଏହି ତଥ୍ୟ ଉପସ୍ଥାପନ କରିବା ପରେ ସାଧାରଣରେ ଚର୍ଚ୍ଚା ଓ ଆଲୋଚନା ସୃଷ୍ଟି କରିଛି । ବେଲୁନ୍ ବାବଦ ଖର୍ଚ୍ଚଠାରୁ ଆରମ୍ଭ କରି ସାଂସ୍କୃତିକ କାର୍ଯ୍ୟକ୍ରମ ଖର୍ଚ୍ଚ ପର୍ଯ୍ୟନ୍ତ ବ୍ୟୟକୁ ନେଇ ସବୁଠି ଆଲୋଚନା ହେଉଛି । ପ୍ରକୃତରେ ଏହି ଅର୍ଥ ବ୍ୟୟ ହୋଇଛି ନାଁ ଗତବର୍ଷ ବାଟମାରଣା ହୋଇଛି, ତାହା ବଡ଼ ପ୍ରଶ୍ନ ସୃଷ୍ଟି କରିଛି । ଚଳିତ ବର୍ଷ ଟେଣ୍ଟ ନିର୍ମାଣ କରିବା ପାଇଁ ନୂତନ ସଂସ୍ଥା ଟେଣ୍ଡର ଜରିଆରେ କାର୍ଯ୍ୟ ପାଇଥିବା ବେଳେ ଗତବର୍ଷ ତୁଳନାରେ କମ ଖର୍ଚ୍ଚରେ ହେବ ବୋଲି ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ କହିଛନ୍ତି ।

### ଜିଲ୍ଲା ମହୋତ୍ସବ ନାମକରଣ ପାଇଁ ଦାବି

ନୟାଗଡ଼,୧୨।୧୨(ସମିସ): ନୟାଗଡ଼ ଜିଲ୍ଲା ମହୋତ୍ସବର ସ୍ୱତନ୍ତ୍ର ନାମକରଣ କରାଇବା ପାଇଁ ଜିଲ୍ଲା କଂଗ୍ରେସ ସଭାପତି ତଥା ବରିଷ୍ଠ ଆଇନଜୀବୀ ରଣଜିତ ଦାଶ ଦାବି କରିଛନ୍ତି । ଏନେଇ ଶ୍ରୀଯୁକ୍ତ ଦାଶ ବାଚସ୍ପତି ସୁରମା ପାଢ଼ୀଙ୍କୁ ପ୍ରସ୍ତାବ ଦେଇଛନ୍ତି । ରାଜ୍ୟର ବହୁ ଜିଲ୍ଲାରେ ମହୋତ୍ସବ ଗୁଡିକ ସ୍ୱତନ୍ତ୍ର ନାମକରଣ କରାଯାଇ ତାହାର ନିଜସ୍ୱ ପରିଚୟ ପାଉଥିବା ବେଳେ ନୟାଗଡ଼ ଜିଲ୍ଲାରେ ବିଗତ ୨୫ ବର୍ଷ ଧରି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଥିବା ବେଳେ ତାହାକୁ ଗ୍ରହଣ କରାଯାଉ ନାହିଁ ବୋଲି ଶ୍ରୀଯୁକ୍ତ ଦାଶ ଉଲ୍ଲେଖ କରିଛନ୍ତି । ଜିଲ୍ଲା ମହୋତ୍ସବ ସ୍ୱତନ୍ତ୍ର ନାମକରଣ କରିବା ପାଇଁ ଏକ ଚିଠି ମାଧ୍ୟମରେ ପ୍ରସ୍ତାବ ଦେଇଛନ୍ତି । ଚିଠି ନକଲ ମଧ୍ୟ ନୟାଗଡ଼ ଜିଲ୍ଲାପାଳଙ୍କ ଟୁଇଟର ହାଣ୍ଡେଲରେ ଅପଲୋଡ଼ କରିଛନ୍ତି । ପ୍ରାୟ ୩୦ ବର୍ଷ ଧରି ଆୟୋଜିତ ହୋଇ ଆସୁଥିବା ଏହି ମହୋତ୍ସବ ନିଜସ୍ୱ ପରିଚୟରେ ସମଗ୍ର ରାଜ୍ୟରେ ପ୍ରସିଦ୍ଧ ଲାଭ କରିବା ପାଇଁ ଏହାର ସ୍ୱତନ୍ତ୍ର ନାମକରଣ ଆବଶ୍ୟକତା ରହିଛି ।

## ଖଣ୍ଡପଡ଼ାରେ ସାମନ୍ତ ଚନ୍ଦ୍ରଶେଖରଙ୍କ ଜୟନ୍ତୀ



ଖଣ୍ଡପଡା,୧୨।୧୨(ସମିସ): ବିଭିନ୍ନ ସରକାରୀ ଅନୁଷ୍ଠାନରେ ମହାମହୋପାଧ୍ୟାୟ ସାମନ୍ତ ଚନ୍ଦ୍ରଶେଖରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସେହିଭଳି ଜନ୍ମମାଟି ଖଣ୍ଡପଡ଼ାରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଆଜି ସାମନ୍ତଙ୍କ ଜୟନ୍ତୀ ପାଳନ କରାଯାଇଛି। ସାମନ୍ତ ଚନ୍ଦ୍ରଶେଖର ଶିକ୍ଷାକେନ୍ଦ୍ରର ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ଖଣ୍ଡପଡ଼ା ସହରାଞ୍ଚଳରେ ପ୍ରଭାତ ଫେରି କାର୍ଯ୍ୟକ୍ରମ ପରେ ସାମନ୍ତଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରି ତାଙ୍କ ସ୍ମୃତି ଚାରଣ କରିଥିଲେ। ସେହିପରି ସ୍ଥାନୀୟ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଏନ୍‌ଏସି ଅଧ୍ୟକ୍ଷା ଆରତୀ ପ୍ରଧାନ, ବରିଷ୍ଠ ଆଇନଜୀବୀ ଗିରିଜା ଶଙ୍କର ତରାସିଆ, ଶିଶୁକବି କାଶୀନାଥ ଦାସ, ଆଇନଜୀବୀ ବିଧାନ ଚନ୍ଦ୍ର ପ୍ରଧାନ, ସମାଜସେବୀ ଚିତ୍ତରଞ୍ଜନ ମିଶ୍ର, ପ୍ରମୁଖ ରଥଗଡ଼ା ଛକରେ ଥିବା ସାମନ୍ତଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଖଣ୍ଡପଡ଼ା ସହରାଞ୍ଚଳ ଅଧୀନ ସରସ୍ୱତୀ ଶିଶୁମନ୍ଦିର, ଓଡ଼ିଶା ସାହିତ୍ୟ ଏକାଡେମୀ, ପଠାଣି ସାମନ୍ତ ସ୍ମୃତି ମନ୍ଦିର ଓ ପାଠାଗାର, ସମାଜସେବୀ ବିଶ୍ୱନାଥ ରାଜ ଓ ବାପି ମହାନ୍ତିଙ୍କ ପକ୍ଷରୁ ସାମନ୍ତଙ୍କ ୧୯୧ତମ ଜନ୍ମ ଜୟନ୍ତୀ ଖୁବ ଧୁମଧାମ୍‌ରେ ଅନୁଷ୍ଠିତ ହୋଇଯାଇଛି। ସୂଚନା ଅନୁଯାଇ ୧୮୩୫ ମସିହା ଡିସେମ୍ବର ୧୩ ତାରିଖରେ ଯୋଗଜନ୍ମା ପଠାଣି ସାମନ୍ତ ଖଣ୍ଡପଡ଼ାଗଡ଼ର ବଘେଲ ବଂଶର ରାଜକୁଳରେ ଜନ୍ମଲାଭ କରିଥିଲେ। ଗ୍ରହ ନକ୍ଷତ୍ରଙ୍କ ଗତି ଓ ସ୍ଥିତିର ନିର୍ଭୁଲ ଗଣନା କରିବା ସହିତ ସିଦ୍ଧାନ୍ତ ଦର୍ପଣ ଭଳି ମହାନ ଗ୍ରନ୍ଥ ରଚନା କରି ସେ ମହାନ ପାଣ୍ଡିତ୍ୟ ଲାଭ କରିଥିଲେ। ସେହି ଆଧାରରେ ନିର୍ଭୁଲ ଭାବରେ ହଜାର ହଜାର ବର୍ଷ ଧରି କିଭଳି ସଠିକ ପଞ୍ଜିକା ପ୍ରଣୀତ ହୋଇ ପାରିବ ସେ ସବୁକିଛି ରଚନା କରିଛନ୍ତି। ଯେଉଁ ପଞ୍ଜିକା ଗଣନା ଆଧାରରେ ଓଡ଼ିଆ ଜାତିର ମେରୁଦଣ୍ଡ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ନୀତିକାନ୍ତି ନିର୍ଭୁଲ ଭାବରେ ହୋଇପାରୁଛି।

**● ମୁଖ୍ୟମନ୍ତ୍ରୀ କରିଥିଲେ ଘୋଷଣା**

## ପ୍ୟାକେଜ୍ ଅପେକ୍ଷାରେ କାଳିଆପଲ୍ଲୀ ଗ୍ରାମବାସୀ

ଭାପୁର,୧୨।୧୨(ସମିସ): ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଧାନଚାଙ୍ଗଡା ପଞ୍ଚାୟତ କାଳିଆପଲ୍ଲୀ ଗ୍ରାମରେ ଶବର ରାଜା ବିଶ୍ୱାବସୁଙ୍କୁ ପୂଜାର୍ଚ୍ଚନା କରିବା ସହ ଭାରତୀୟ ବିଶ୍ୱାବସୁ ଶବର ସମାଜ ତରଫରୁ ଆୟୋଜିତ ଯଜ୍ଞରେ ପୂର୍ଣ୍ଣାହୁତି ଦେବା ସହ ଏକ ସଭାରେ ଉଦବୋଧନ ଦେଇଥିଲେ। ସଭାରେ ମହାମହିମ କହିଥିଲେ ଶବର ରାଜା ବିଶ୍ୱାସବସୁଙ୍କୁ ଜଗନ୍ନାଥ ପ୍ରେମୀମାନେ ସବୁଦିନେ ମନେ ରଖିବେ ଓ ଏହି କାଳିଆପଲ୍ଲୀ ହେଉଛି ଭାରତର ପ୍ରଥମ ସ୍ଥାନ ଯେଉଁଠି ଆଦିବାସୀ ଓ ଅଣ ଆଦିବାସୀ ଙ୍କ ମିଳନ ହୋଇଥିଲା। ପ୍ରାଚୀନ ଭାରତୀୟ ସଂସ୍କୃତି କଥା ଆଲୋଚନା କରିବା ସମୟରେ ଶବର ସଂସ୍କୃତି ସବୁଠାରୁ ଆଗରେ ରହିବ। ଗତ ମାର୍ଚ୍ଚ ୨୪ ତାରିଖ ଅପରାହ୍ନରେ ମହାମହିମ ରାଷ୍ଟ୍ରପତିଙ୍କ ଆଗମନରେ ଏହି ଅଖ୍ୟାତ ପଲ୍ଲୀ ସାରା ଦେଶରେ ଚର୍ଚ୍ଚିତ ହୋଇଛି। ଭାରତୀୟ ବିଶ୍ୱାବସୁ ଶବର ସମାଜ ପକ୍ଷରୁ କାଳିଆପଲ୍ଲୀଠାରେ ଆୟୋଜିତ ସଭାରେ ଏହି ସଙ୍ଘର ସଭାପତି ହୃଷିକେଶ ଦେହୁରୀଙ୍କ ଆୟୋଜିତ ଏହି ସଭାରେ ରାଷ୍ଟ୍ରପତିଙ୍କ ସହ ରାଜ୍ୟପାଳ ହରିବାବୁ କୁମ୍ଭମପତି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ବାଚସ୍ପତି ସୁରମା ପାଢ଼ୀ, ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଓ ବଡମ୍ବା ବିଧାୟକ ବିଜୟ କୁମାର ଦଳବେହେରା ଯୋଗ ଦେଇଥିଲେ । ଆଦିବାସୀଙ୍କ ଆର୍ଥିକ ଉତଥାନ ବିନା ଦେଶର ପ୍ରଗତି ଅସମ୍ଭବ ବୋଲି କହିବା ସହ ସମସ୍ତ ଆଦିବାସୀ ସେମାନଙ୍କ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ମାନେ ଅଣଦେଖା କରି ଆସିଥିବାରୁ ଏହି ପୁରାଣ ପ୍ରସିଦ୍ଧ କାଳିଆପଲ୍ଲୀ ଅପାଙ୍କକ୍ତେୟ ହୋଇ ପଡି ରହିଛି। ରାଷ୍ଟ୍ରପତିଙ୍କ ଆଗମନ କାଳିଆପଲ୍ଲୀର ଭାଗ୍ୟ ବଦଳି ଯିବ ବୋଲି ଗ୍ରାମବାସୀ ମାନେ ଆଶା ରଖିଥିଲେ। ସେହି ସଭାରେ ମୁଖ୍ୟମନ୍ତ୍ରୀ କାଳିଆପଲ୍ଲୀ ପାଇଁ ସ୍ୱତନ୍ତ୍ର ପ୍ୟାକେଜ ସହ ଅନୁଦାନ ଦିଆଯିବାର ଘୋଷଣା କରିଥିଲେ। ହେଲେ ତିନି ମାସ ପରେ ଘୋଷଣା ଘୋଷଣାରେ ରହିଯାଇଛି।

**● ଶ୍ରୀ ଜଗନ୍ନାଥ ସଂଗ୍ରହାଳୟ**

## ବୟସ୍କା ମହିଳାଙ୍କ ଦ୍ୱାରା ପୁରୁଣା ସାମଗ୍ରୀ ଦାନ



ନୟାଗଡ଼,୧୨।୧୨(ସମିସ): ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ୍ ଅନ୍ତର୍ଗତ ମହିପୁର ଗାଁର ୯୫ ବର୍ଷିୟାନ ମହିଳା ସତ୍ୟଭାମା ସାହୁ ଶ୍ରୀଜଗନ୍ନାଥ ସଂଗ୍ରହାଳୟ ଓ ପାଠାଗାରକୁ ବିଭିନ୍ନ ପୁରୁଣା ସାମଗ୍ରୀ ପ୍ରଦାନ କରିଛନ୍ତି। ଏଥିରେ ଦୁଇଶହ ବର୍ଷର ପୁରୁଣା ପାଟରା ବେତ ପେଡି ରହିଛି। ଯାହା ତାଙ୍କ ଯେପେ ଶାଶୁ ଯୌତୁକରେ ଆଣିଥିବା ସେ କହିଛନ୍ତି । ସାଇତି ରଖିଥିବା ତାଲା ଚାବି ଥିବା ପୁରାତନ ବଟେ ତିଆରି ପାଟରା, ଓଜନ ମାପକ ଦୁଇଟି, ବଡ ସିନ୍ଧୁକ, କାଠ ନିର୍ମିତ ହାତପେଡି ଇତ୍ୟାଦିକୁ ଶ୍ରୀ ଜଗନ୍ନାଥ ସଂଗ୍ରହାଳୟ ଓ ପାଠାଗାରକୁ ଦାନ କରିଛନ୍ତି । ଅନୁଷ୍ଠାନର ସଦସ୍ୟ କବି ସଂଯୋଜକ ଶ୍ରୀଧର ବେହେରା, ଅଜିତ୍ କୁମାର ସାହୁ, ଏବଂ ସଂଗ୍ରହାକ ସଞ୍ଜୟ କୁମାର ସାହୁଙ୍କ ଉପସ୍ଥିତିରେ ଏହା ହସ୍ତାନ୍ତର ହୋଇଛି ।

## ମହିଳା ହିଂସା ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ




ନୟାଗଡ଼,୧୨।୧୨(ସମିସ): ନୟାଗଡ଼ ଜିଲ୍ଲାରେ ମହିଳା କଲ୍ୟାଣ ନିମନ୍ତେ କାର୍ଯ୍ୟରତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବା ଆନୁକୁଲ୍ୟରେ ମହିଳା ହିଂସା ସମ୍ବନ୍ଧୀୟ ୧୬ ଦିବସୀୟ ସଚେତନତା କାର୍ଯ୍ୟକ୍ରମ ଆଜି ଉଦଯାପିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରୁ ଏକ ସଚେତନତା ରାଲି ସହର ପରିକ୍ରମା କରିଥିଲା। ଏହାପରେ ସେବାର ସଭା ଗୃହରେ ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏହି ଉଦ୍ୟାପନୀ ଉତ୍ସବରେ ଜିଲ୍ଲା ସମାଜ କଲ୍ୟାଣ ବିଭାଗର ସୁରକ୍ଷା ଅଧିକାରୀ ଜୟଶ୍ରୀ ପ୍ରଧାନ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ମହିଳା ହିଂସା ନିରୋଧ ଆଇନ ବିଷୟରେ ଆଲୋଚନା ରଖି ଥିଲେ । ମହିଳା ସଶକ୍ତିକରଣ ବିଭାଗର ଜିଲ୍ଲା ସଂଯୋଜକ ସୌମ୍ୟରଂଜନ ଦାସ ସମ୍ମାନୀତ ଅତିଥି ରୂପେ ଯୋଗଦେଇ ଘରୋଇ ହିଂସା, ଲିଙ୍ଗ ଗତ ସମାନତା, ଯୌତୁକ ନିରୋଧ ଆଇନ, କିଶୋରୀ ବାଳିକାମାନଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷା, ବାଲ୍ୟ ବିବାହ ନିରୋଧ ଆଇନ ଉପରେ ବକ୍ତବ୍ୟ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ହବର ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ । ସେବା ଶକ୍ତି ସଦନ ପରାମର୍ଶଦାତ୍ରୀ ସରିତା ଆଚାର୍ଯ୍ୟ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ବିନୋଦିନି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ମଣ୍ଡଳସ୍ତରୀୟ କୁଇଜ୍ ପ୍ରତିଯୋଗିତା

ଗଣିଆ,୧୨।୧୨(ସମିସ): ଗଣିଆ ବ୍ଲକ ଶିକ୍ଷକ ଭବନ ପରିସରରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଆନୁକୁଲ୍ୟରେ ମଣ୍ଡଳ ସ୍ତରୀୟ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଝୁନା ଜେନା ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ସରପଞ୍ଚ ଗିରିଧାରୀ ସେଠୀ, ସମିତି ସଭ୍ୟ ଫକୀର ମୋହନ ଡାକୁଆ, ଶିକ୍ଷା ଅଧିକାରୀ ରବିନ୍ଦ୍ର ନାଥ ରାଉତରାୟ, ଅତିରିକ୍ତ ଶିକ୍ଷା ଅଧିକାରୀ ରବିନ୍ଦ୍ର ବେହେରା, ବିନୋଦିନୀ ପଣ୍ଡା, ନିରୁପମା ମହାପାତ୍ର, ପ୍ରଧାନଶିକ୍ଷୟିତ୍ରୀ ନିହାରବାଳା ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଦେଶ ଦୁନିଆ ସମ୍ପର୍କରେ ଜାଣିବା ପାଇଁ ଛାତ୍ରଛାତ୍ରୀମାନେ ବିଭିନ୍ନ କୁଇଜ ବହି ପଢିବା ସହିତ ସେ ସମ୍ପର୍କରେ ଜ୍ଞାନ ଆହରଣ କରିବା ଆବଶ୍ୟକ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ। ପ୍ରାଥମିକ, ଉଚ୍ଚ ପ୍ରାଥମିକ ଏବଂ ମାଧ୍ୟମିକ ସ୍ତରରେ ଶତାଧିକ ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା ।




**ଯୋଗାଣ ବିଭାଗ ନିଘୋର ନିଦ୍ରାରେ**

## ଶବ ପୋଡ଼ିବାକୁ ବି କିରାସିନି ମିଳୁନି

ନୟାଗଡ଼,୧୨।୧୨(ସମିସ): ନୟାଗଡ଼ ଜିଲ୍ଲାକୁ ଦୀର୍ଘଦିନ ହେବ କିରୋସିନ ଆସୁନାହିଁ । ଉପାନ୍ତ ଅଞ୍ଚଳର ଲୋକେ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି । ଡିମାଣ୍ଡ ନଥିବା କହି ଯୋଗାଣ ବିଭାଗ ଅଧିନସ୍ଥ କିରୋସିନ ଡିଲରମାନେ କିରୋସିନ ଆଣୁନଥିବା ବେଳେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଗ୍ରାମାଞ୍ଚଳ ବାସୀ । ନୟାଗଡ଼ ଜିଲ୍ଲାରେ ଦୁଇବର୍ଷ ହେବ ୯୦ ପ୍ରତିଶତ ବିତରଣ କେନ୍ଦ୍ରକୁ କିରୋସିନ ପହଞ୍ଚୁନଥିବା ଅଭିଯୋଗ ହେଉଛି । କିରୋସିନ୍ ମୁଲ୍ୟ ବୃଦ୍ଧିକୁ ଆଳ କରି ଏଭଳି କରାଯାଉଥିବା ବେଳେ ଏବେ ଗାଁ ଗହଳୀରେ ଶବ ସତ୍କାର ସମୟରେ କିରୋସିନ୍ ମିଳୁନଥିବାରୁ ବାଧ୍ୟ ହୋଇ ଡିଜେଲ କିମ୍ବା ଘିଅ ବ୍ୟବହାର କରାଯାଉଛି । କାଳବୈଶାଖି ପାଇଁ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ କାଟ ହେଉଥିବା ବେଳେ ଲୋକମାନେ ଅନ୍ଧାରରେ ସଢୁଛନ୍ତି । ଥିଲା ବାଲା ପରିବାର ଇନଭୋଟର କିମ୍ବା ଏନରଜେନ୍ସି ଲାଇଟ୍ର ସହାୟତା ନେଉଥିବା ବେଳେ ଗରୀବ, ଖଟିଖିଆ ପରିବାରରେ ଡିବି କିମ୍ବା ଲ୍ୟାମ୍ପଟିଏ ଜଳି ପାରୁନାହିଁ । ନୟାଗଡ଼ ଜିଲ୍ଲାରେ ଅନେକ ଆଦିବାସୀ ତଥା ଉପାନ୍ତ ଅଞ୍ଚଳ ରହିଛି । ଯେଉଁଠିକୁ ଆଜି ବି ବିଦ୍ୟୁତ୍ ପହଞ୍ଚି ପାରିନାହିଁ । ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ଅନ୍ତର୍ଗତ ବାଣ୍ଟପୁର ପଞ୍ଚାୟତ ନେପାଳ, ଭୋବସର ଭଳି ଗାଁରେ ସମସ୍ୟା ଉତ୍କଟ ପରିସ୍ଥିତି ସୃଷ୍ଟି କରୁଥିବା ବେଳେ ଦଶପଲ୍ଲା ଓ ଗଣିଆ ଅଞ୍ଚଳର ଆଦିବାସୀ ଅଧୁଷିତ ଗ୍ରାମଗୁଡ଼ିକରେ ମଧ ସମାନ ଅବସ୍ଥା ଦେଖାଯାଇଛି । ଦଶପଲ୍ଲା ବ୍ଲକ ଚଡ଼େୟାପଲ୍ଲୀ, କଳସାଖମଣ, ନୂଆଗାଁ, ବାଣିଗୋଛା ପ୍ରଭୃତି ଅଞ୍ଚଳରେ ବ୍ୟାପକ ସମସ୍ୟା ସୃଷ୍ଟି ହେଉଛି । ସେହିଭଳି ଭାବେ ଗଣିଆ ବ୍ଲକର ଛାମୁଣ୍ଡିଆ ଓ ବଡ଼ଶିଲିଙ୍ଗା ପଞ୍ଚାୟତ ଅଧିନସ୍ଥ ୪୦ରୁ ଉର୍ଦ୍ଧ ଗାଁରେ ସମସ୍ୟା ଉତ୍କଟ ପରିସ୍ଥିତି ସୃଷ୍ଟି ହେଉଛି । ରଣପୁର ବ୍ଲକ ବନ୍ଧମୁଣ୍ଡା, ଖଣ୍ଡପଡ଼ା ବ୍ଲକ କୋସକା, ବଳଭଦ୍ରପ୍ରସାଦ ପ୍ରଭୃତି ପଞ୍ଚାୟତରେ ଦୀର୍ଘ ସମୟ ଧରି ବିଦ୍ୟୁତ୍ କାଟ ପରିସ୍ଥିତି ପାଇଁ କିରୋସିନର ଆବଶ୍ୟକତା ରହିଛି । ନୂଆଗାଁ ବ୍ଲକର ଗାତେରୀଠାରୁ ଆରମ୍ଭ କରି ମାଳିସାହି ପର୍ଯ୍ୟନ୍ତ ସାମାନ୍ୟ ଝଡ଼ ବର୍ଷାରେ ବିଦ୍ୟୁତ୍ ବିଚ୍ଛିନ୍ନ ହେଉଥିବାରୁ ଲୋକେ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି । କିରୋସିନ୍ ଯୋଗାଣକୁ ଦୀର୍ଘଦିନ ହେବ ଯୋଗାଣ ବିଭାଗ ଭୁଲି ଯାଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି । ଅନେକ ସ୍ଥାନରେ ଲୋକେ ସୋଲାର ଲାଇଟ୍ ଉପରେ ଭରସା କରି କାଳାତିପାତ କରୁଥିବା ବେଳେ ଅନେକ ସ୍ଥାନରେ ଗାଁ ମଝିରେ କାଠ ମୁଣ୍ଡା ଜାଳି ରାତି ବିତାଉଛନ୍ତି। କିରୋସିନ୍ ମିଳୁନଥିବାରୁ ଅନେକ ପରିବାର ଅନ୍ଧାରରେ ରାତି ବିତାଉଥିବା ଦେଖିବାକୁ ମିଳିଛି । ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଯୋଗାଣ ବିଭାଗ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି ।

# ହସୁଛି ଡେଙ୍ଗାବାହାଡ଼ା କାନ୍ଦୁଛି କାଶିଆ

ଭାପୁର,୧୨।୧୨(ସମିସ): ନୟାଗଡ଼ ଜିଲ୍ଲା ଏକ ଜଙ୍ଗଲ, ପାହାଡ ପର୍ବତ ପରିପୂର୍ଣ୍ଣ ଜିଲ୍ଲା। ଜିଲ୍ଲାର ଜନସାଧାରଣ ଓ ବନ ବିଭାଗର ମିଳିତ ଉଦ୍ୟମରେ ଜିଲ୍ଲାରେ ଜଙ୍ଗଲ ଘନତ୍ୱ ବୃଦ୍ଧି ପାଇଛି। ବିଶେଷ କରି ଭାପୁର ଅଞ୍ଚଳରେ ବନ ବିଭାଗ ଓ ଜନସାଧାରଣଙ୍କ ସହଯୋଗରେ ଜଙ୍ଗଲ ବୃଦ୍ଧି ସାଙ୍ଗକୁ ବନ୍ୟଜନ୍ତୁଙ୍କ ସଂଖ୍ୟା ମଧ ବୃଦ୍ଧି ପାଇଛି। ଯାହାକି ପରିବେଶ ପ୍ରେମିଙ୍କୁ ଉଦବୃଦ୍ଧ କରିଛି। ଜିଲ୍ଲାର ଭାପୁର ବ୍ଲକରେ ପିଠାଖାଇ, ହନୁମନ୍ତିଆ, ବାନ୍ଦରା, ଡେଙ୍ଗାବାହାଡା ସଂରକ୍ଷିତ ଜଙ୍ଗଲ, ସହ କାଶିଆ ପାହାଡ ଓ କୁସୁମୀ ନଦୀ ପଠାରେ ଜାମୁବଣୀ ଓ ପତ୍ରବଣୀ ଜଙ୍ଗଲ ରହିଛି। ବ୍ଲକ ଅଞ୍ଚଳରେ ରହିଥିବା ସରକ୍ଷିତ ଜଙ୍ଗଲ ଗୁଡିକର ଅଭିବୃଦ୍ଧି ପାଇଁ ବନ ବିଭାଗ ଅପେକ୍ଷା ନିକଟସ୍ଥ ଗ୍ରାମବାସୀଙ୍କ ସହଯୋଗ ଅଧିକ। ଜଙ୍ଗଲ ନିକଟସ୍ଥ ଗ୍ରାମବାସୀ ପାଳି କରି ନିକଟସ୍ଥ ଜଙ୍ଗଲ ସୁରକ୍ଷା କରିବା ଯୋଗୁଁ ଜଙ୍ଗଲରୁ କାଠ ଚୋରି ରୋକାଯିବା ସହ ବନ ବିଭାଗ ଦ୍ୱାରା ବୃକ୍ଷ ରୋପଣ କରାଯିବା ଫଳରେ ଜଙ୍ଗଲ ଆଖିଦୃଶିଆ ଭାବେ ବୃଦ୍ଧି ପାଇଛି। ଗୋଶିଙ୍ଗ ପାହାଡ ପାଦଦେଶରେ ଥିବା ଡେଙ୍ଗାବାହାଡା ଜଙ୍ଗଲ ଯେତିକି ଘଞ୍ଚ ହେବାରେ ଲାଗିଛି ମୁଣ୍ଡିଆପଡା ପାଖ



କାଶିଆ ପାହାଡ ସେତିକି ଲଣ୍ଡା ହେବାରେ ଲାଗିଛି। ଡେଙ୍ଗାବାହାଡା ଜଙ୍ଗଲ ସୁରକ୍ଷା ପାଇଁ ଜଙ୍ଗଲ ନିକଟରେ ଥିବା କେନ୍ଦୁପଲୀ, ମାରଡା, ବାଉଁଶବାଟୀ, ରାକମା, ବରପୁଟ, ଜହରକୋଟ, କୁଲାବ,ମାଣିବନ୍ଧ, କେନ୍ଦୁପଲୀ, ବାରବାଟୀ, ମିଟୁଆଣୀ, ମର୍ଦାବାଡି, ଗୋହିରିଆପଡା ଗ୍ରାମବାସୀମାନେ ନିଜ ନିଜ ଗ୍ରାମରେ ଜଙ୍ଗଲ ସୁରକ୍ଷା କମିଟି ଗଠନ କରି ପାଳି କରି ଜଙ୍ଗଲ ଜଗି ଆସୁଛନ୍ତି। ଏପରି ଦୀର୍ଘ ୨୦/୨୫ ବର୍ଷ କରିବାର ଫଳ ଏବେ ମିଳୁଛି। ଏହି ଜଙ୍ଗଲରେ ଶାଳ, ପିଆଶାଳ, ଅସନ ଭଳି ବହୁ ବୃକ୍ଷ ଆଶାତୀତ ଭାବେ ବଢିଛି। ଏହି ଜଙ୍ଗଲରେ ବାରହା, କୁଟରା, ଝିଙ୍କ, ଭାଲୁ ସହ ବହୁ ଜୀବଜନ୍ତୁ ବଂଶ ବୃଦ୍ଧି ଘଟିଛି। ସେହିପରି ପୀଠାଖାଇ, ଫତେଗଡ ଓ ପାର୍ବତିପୁର ଗ୍ରାମବାସୀ ସହଯୋଗରେ ପୀଠାଖାଇ ଜଙ୍ଗଲ ଓ ବାଇଗୁଣିଆ, ନୁଆପଲୀ ଗ୍ରାମବାସୀଙ୍କ ଯୋଗୁଁ ବାନ୍ଦରା ଜଙ୍ଗଲ ଓ ହନୁମନ୍ତପ୍ରସାଦ ଗ୍ରାମବାସୀମାନଙ୍କ ସହଯୋଗରେ ହନୁମନ୍ତିଆ ରିଜର୍ଭ ଜଙ୍ଗଲ ବୃଦ୍ଧି ପାଇଛି। ଅପରପକ୍ଷରେ ବ୍ଲକ ଅଞ୍ଚଳରେ ବନ ବିଭାଗର ଥିବା ପାଞ୍ଚ ବିଟ ହାଉସ ମଧ୍ୟରୁ ଫତେଗଡ, ମରିଚିଆ, ବାଇଗୁଣିଆ ବିଟ ହାଉସରେ ଜଣେ ଲେଖାଏଁ କର୍ମଚାରୀ ଥିବା ବେଳେ ଗୁରୁତ୍ୱପୂର୍ଣ୍ଣ ମାରଡା ଓ ଗୋହିରିଆପଡା ବିଟ ହାଉସରେ କେହି କର୍ମଚାରୀ ନାହାନ୍ତି। ଯାହାକି ଜଙ୍ଗଲରୁ କାଠଚୋରି ଓ ବନ୍ୟଜନ୍ତୁ ଶିକାର ରୋକାଯିବା ବାଧାପ୍ରାପ୍ତ ହେଉଛି। ଅପରପକ୍ଷରେ ମୁଣ୍ଡିଆପଡାର କାଶିଆ ପାହାଡରୁ ସ୍ଥାନୀୟ ଲୋକମାନେ ଗଛ କାଟି ନେଉଥିବାରୁ ପାହାଡ ଲଣ୍ଡା ହେବାକୁ ବସିଛି। ବିଭାଗରେ କର୍ମଚାରୀ ଅଭାବ ସାଙ୍ଗକୁ ଲୋକମାନଙ୍କୁ ସଚେତନତା କରାଇବାରେ ମନୋବୃତ୍ତିର ଅଭାବ ଯୋଗୁଁ କାଶିଆ ଜଙ୍ଗଲ ନଷ୍ଟ ହୋଇଯାଉଛି। ଚକ୍ରଧରପ୍ରସାଦ, ନିମାଣୀ, ଅରଖପଲୀ, ଖୁଣ୍ଟୁପଡା ଭଳି ଗ୍ରାମଗୁଡିକରେ ଜନସଚେତନତା ଆବଶ୍ୟକତା ହୋଇପଡିଛି ଓ ନିମାଣୀ ଠାରେ ଏକ ନୂତନ ବିଟ୍‌ହାଉସ ଖୋଲାଗଲେ କାଶିଆ ଜଙ୍ଗଲ ବଞ୍ଚି ଯାଆନ୍ତା। ଏ ନେଇ ଭାପୁର ଫରେଷ୍ଟର ସୁବାଷ ଚନ୍ଦ୍ର ନାୟକ କୁହନ୍ତି ଯେ କାଶିଆ ପାହାଡର ୩୧୪ ହେକ୍ଟର ମଧ୍ୟରୁ ଏ ବର୍ଷ ୧ ଶହ ହେକ୍ଟରରେ ଫାଶି, ଶାଳ, ଆକାଶିଆ, ନୀମ, ଅର୍ଜୁନ, ଶିଶୁ ଏବେ ପ୍ଲାଣ୍ଟେସନ ହୋଇଛି। ପର୍ଯ୍ୟାୟକ୍ରମେ ସମସ୍ତ ପାହାଡରେ ପ୍ଲାଣ୍ଟେସନ କରାଯିବା ସହ ଜନ ସଚେତନତା ମଧ କରାଯାଉଛି।

**● ବରୁଣେଇ ଟି-୨୦କ୍ରିକେଟ୍**

## ଅନ୍ତିମ ଲିଗ୍‌ରେ ଭୋଗଡ଼ା ବିଜୟୀ

କଣ୍ଟିଲୋ,୧୨।୧୨(ସମିସ): ବରୁଣେଇ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ସ୍ଥାନୀୟ ପଲଟନ ପଡ଼ିଆ ଠାରେ ଚାଲିଥିବା ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଅନ୍ତିମ ଲିଗ୍ ମ୍ୟାଚରେ ଭୋଗଡ଼ା କ୍ରିକେଟ୍ ଟିମ୍ ବାହାଡ଼ାକୁ ୮୭ ରନ୍‌ରେ ପରାସ୍ତ କରି କ୍ୱାଟର ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ଭୋଗଡା ଟିମ ନିର୍ଦ୍ଧାରିତ ୨୦ ଓଭର ରେ ୭ ଉଇକେଟ ହରାଇ ୧୫୪ରନ ସଂଗ୍ରହ କରିଥିଲା। ପ୍ରତିପକ୍ଷ ବାହାଡା ଟିମ ୧୨.୧ଓଭର ରେ ମାତ୍ର ୬୭ରନ କରି ଅଲଆଉଟ ହୋଇଯାଇଥିଲା। ଭୋଗଡ଼ା ଟିମ ର ଶିବୁ ସ୍ୱାଇଁ ୪୫ବଲ ରୁ ୮୫ରନର ଧୂଆଁଧାର ପାଳି ଖେଳି ମ୍ୟାନ ଅଫ ଦ ମ୍ୟାଚ ଘୋଷିତ ହୋଇଥିଲେ। ଅମ୍ପାୟାର ଅନିଲ ନାୟକ ଓ ବଣ୍ଟି ବେହେରା ମ୍ୟାଚ ପରିଚାଳନା କରିଥିଲେ। ଆସନ୍ତା କାଲି ପ୍ରଥମ କ୍ୱାଟର ଫାଇନାଲ ରେ ଭୋଗଡ଼ାକୁ ଭେଟିବ କାନପୁର କ୍ରିକେଟ ଟିମ୍।



ବଡ଼ବେରଣା ବିଦ୍ୟାଳୟର ୧୨୦ ବର୍ଷ ପୂର୍ତ୍ତି ସମାରୋହ

# 'ଯୁବପିଢ଼ି ରାଷ୍ଟ୍ର ଗଠନରେ ବ୍ରତୀ ହୁଅନ୍ତୁ'

ବେଗୁନିଆ,୧୨।୧୨(ସମିସ)



ବେଗୁନିଆ ବ୍ଲକ୍ ଅନ୍ତର୍ଗତ ବଡ଼ବେରଣା ଉଚ୍ଚପ୍ରାଥମିକ ବିଦ୍ୟାଳୟର ୧୨୦ତମ ବାର୍ଷିକୀ ସମାରୋହରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଉଦଘାଟକ, ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି ଓ ସାମ୍ବାଦିକ ତଥା ଶିକ୍ଷାବିତ୍ ଚିତ୍ତରଞ୍ଜନ ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଜାତୀୟ ସଙ୍ଗୀତ ପରିବେଷଣ କରାଯିବା ପରେ ପୁରାତନ ଛାତ୍ର ସଂସଦ ସଭାପତି ଡ. ଅମରେନ୍ଦ୍ର ମହାପାତ୍ରଙ୍କ ସଂଯୋଜନାରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସମାରୋହକୁ ଉଦଘାଟନ କରି ଯୁବକମାନେ ବିଦ୍ୟାଳୟର ଉନ୍ନତିମୂଳକ କାର୍ଯ୍ୟ ସହ ସୁସ୍ଥ ପରିବେଶ ଗଠନ କରି ଉପଯୁକ୍ତ ମନ୍ଦିର ନିର୍ମାଣରେ ସହାୟକ ହୋଇପାରିବ ବୋଲି ମତ ପ୍ରକାଶ କରିଥିଲେ। ପ୍ରେରଣାର ଉତ୍ସ ହୋଇ ଆଲୋକବର୍ତ୍ତିକା ଭାବେ ରାଷ୍ଟ୍ର ଗଠନରେ ରକ୍ଷାକବଚ ଓ ଉତ୍ତମ ଚରିତ୍ର ଗଠନ କରିବାର ପ୍ରତିଶ୍ରୁତି ବହନ କରି ଆଗାମୀ ଶତାବ୍ଦୀ ପାଇଁ ନୂତନ ପ୍ରତିଭା ସୃଷ୍ଟି ହେଉ ବୋଲି କହିଥିଲେ। ପରେ ମୁଖ୍ୟଅତିଥି ସ୍କୁଲର ୧୨୦ ବର୍ଷ ବାର୍ଷିକ ଉତ୍ସବ ଫଳକ ଶିଳାଲିପି ଉଦ୍‌ଘାଟନ କରିବା ସହ ସ୍ମରଣିକା ଶତବଂଶ ଉନ୍ମୋଚନ କରିଥିଲେ।

ସେହିପରି ବିଦ୍ୟାଳୟର ୮୦ ବର୍ଷରୁ ଊର୍ଦ୍ଧ୍ୱ ଅବସରପ୍ରାପ୍ତ ଶିକ୍ଷକ ତଥା ଶିକ୍ଷାବିତ୍ ଶରତ ଚନ୍ଦ୍ର ମହାପାତ୍ର, ବିଶ୍ୱନାଥ ପଣ୍ଡା, ନାରାୟଣ ଛାଟୋଇ, ଲୋକନାଥ ସାହୁ, ଗୋବିନ୍ଦ ଜେନା ଓ କୁଞ୍ଜବିହାରୀ ପଣ୍ଡାଙ୍କୁ ରାଜ୍ୟପାଳ ସମ୍ବର୍ଦ୍ଧିତ କରିଥିଲେ। ବଡ଼ବେରଣା ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନଳିନୀପ୍ରଭା ଦେବୀ ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବରେ ଉପଜିଲ୍ଲାପାଳ କିଶୋର ପଣ୍ଡା, ଜିଲ୍ଲା ଆରକ୍ଷୀ ଅଧିକାରୀ ବିବେକାନନ୍ଦ ଶର୍ମା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ ବେହେରା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡ. ପ୍ରଜ୍ଞା ପାରମିତା ଜେନା, ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ ଓ ଶିକ୍ଷାବିତ, ପୁରାତନ ଛାତ୍ରଛାତ୍ରୀ ଓ ଜନସାଧାରଣ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସାମ୍ବାଦିକ ଭଗବାନ ପଣ୍ଡା, ପୁରାତନ ଛାତ୍ର ସନ୍ତୋଷ ମହାପାତ୍ର, ପୁରୁଷୋତ୍ତମ ମହାପାତ୍ର, ଜଗବନ୍ଧୁ ପଣ୍ଡା, ରମାକାନ୍ତ ବେହେରା, ପବିତ୍ର ମୋହନ ପଣ୍ଡା, ପ୍ରଭାତ ପଣ୍ଡାଙ୍କ ସମେତ ବହୁ ବ୍ୟକ୍ତି ପରିଚାଳନାରେ ସହଯୋଗ କରିଥିଲେ।

## କମାଗୁରୁ କଲେଜରେ ହାତୀ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



ନିରାକାରପୁର, ୧୨।୧୨(ସମିସ): ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଖୋର୍ଦ୍ଧା ଜିଲ୍ଲା କମାଗୁରୁସ୍ଥ ରାମଚନ୍ଦ୍ର କଳ୍ପନା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଇକୋ କ୍ଲବ ସହଯୋଗରେ ହାତୀ ସୁରକ୍ଷା ପାଇଁ ସଚେତନତା କାର୍ଯ୍ୟକ୍ରମ ଅଧକ୍ଷ ଡ ସୁଧାଂଶୁ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପିକା ଡ. ରେଣୁବାଳା ସାମନ୍ତରାୟ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ମୁଖ୍ୟଅତିଥି ଭାବେ ଏସିଏଫ ତଥା ଟାଙ୍ଗୀ ବନାଞ୍ଚଳ ଭାରପ୍ରାପ୍ତ ରେଞ୍ଜର ଦେବାଶିଷ ଭୋଇ, ସମ୍ମାନିତ ଅତିଥି ଭାବେ ଫରେଷ୍ଟର ପ୍ରଶାନ୍ତ ଦାଶ ଓ ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ସାନ୍ତୁନ ସାମନ୍ତରାୟ ପ୍ରମୁଖ ଯୋଗଦେଇ ଜଙ୍ଗଲ ସୁରକ୍ଷା ସହିତ ହାତୀଙ୍କ ସୁରକ୍ଷା ପାଇଁ ସଚେତନ ହେବାକୁ ବିଭିନ୍ନ ପରାମର୍ଶ ଦେଇଥିଲେ। ଅଧ୍ୟାପକ ଡ. ସତ୍ୟନାରାୟଣ ମହାପାତ୍ର ମଞ୍ଚ ପରିଚାଳନା କରିଥିବାବେଳେ ଇକୋ କ୍ଲବ ଅଧିକାରୀ ଅଧ୍ୟାପକ ଅଭିରାମ ପଣ୍ଡା ଧନ୍ୟବାଦ୍ ଅର୍ପଣ କରିଥିଲେ। ବହୁ ଛାତ୍ରଛାତ୍ରୀ, ଅଧ୍ୟାପକଅଧ୍ୟାପିକା, ଗଜ ସାଥୀ ପ୍ରମୁଖ ଉପସ୍ଥିତ ଥିଲେ।

■ କୁରାଡ଼ ମଲ୍ଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ପାନବରଜ ଓ ସୁଆଙ୍ଗ ଦଳ ବିଜୟୀ

ଖୋର୍ଦ୍ଧା,୧୨।୧୨(ସମିସ): ଖୋର୍ଦ୍ଧା ବ୍ଲକ୍ ଅଧୀନସ୍ଥ କୁରାଡ଼ ମଲ୍ଲଠାରେ ଚାଲିଥିବା



କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଆଜିର ପ୍ରଥମ ମ୍ୟାଚ୍‌ରେ ପାନବରଜ ଦଳ ବ୍ୟାଟିଂ କରି ୧୨ ଓଭରରେ ୧ ୱିକେଟ ହରାଇ ୧୭୨ ରନ୍ କରିଥିଲା। ଜବାବରେ ଘାଟିକିଆ ଦଳ ବ୍ୟାଟିଂ କରି ୧୨ ଓଭରରେ ୮ ୱିକେଟ ବିନିମୟରେ ୧୨୫ ରନ୍ କରି ପରାସ୍ତ ହୋଇଥିଲା। କର୍ଣ୍ଣଦୀପ ପଟ୍ଟନାୟକ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

ଦ୍ୱିତୀୟ ମ୍ୟାଚ୍‌ରେ ପଙ୍ଗାରସିଂହ ଦଳ ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୮ ୱିକେଟ ହରାଇ ୧୧୬ ରନ କରିଥିଲା। ଜବାବରେ ସୁଆଙ୍ଗ (ଭୁବନେଶ୍ୱର) ଦଳ ୧୦.୫ ଓଭରରେ ୫ ୱିକେଟ ହରାଇ ୧୨୧ ରନ୍ କରି ବିଜୟୀ ହୋଇଥିଲା। ରଶ୍ମିରଞ୍ଜନ ବଡ଼ଜେନା ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଖେଳକୁ ଶ୍ରଦ୍ଧାନନ୍ଦ ପ୍ରଧାନ ଓ ତିରୁପତି ସାମନ୍ତରାୟ ପରିଚାଳନା କରିଥିବାବେଳେ ହେମନ୍ତ ରାଉତ ସ୍କୋରର ଓ ଶଶୀଭୂଷଣ ସିଂହ ଭାଷ୍ୟକାର ଥିଲେ। ଅତିଥି ଭାବେ ପୋଷ୍ଟମାଷ୍ଟର ଅକ୍ରୁର ବେହେରା, ବୈକୁଣ୍ଠନାଥ ସାମନ୍ତରାୟ, ଅବିର ପରିଡ଼ା, ଗୋପୀନାଥ ମାର୍ଥା ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

● ବ୍ରହ୍ମକୁମାରୀ ଆଶ୍ରମର ରୌପ୍ୟ ଜୟନ୍ତୀ

## 'ବୈଶ୍ୱିକ ଏକତା ଓ ବିଶ୍ୱାସ ପାଇଁ ଯୋଗସାଧନ ବଳିଷ୍ଠ ମାଧ୍ୟମ'



ନିରାକାରପୁର,୧୨।୧୨(ସମିସ): ପୃଥିବୀ ପୃଷ୍ଠକୁ ଈଶ୍ୱର ଆମକୁ ମହାନ ଲକ୍ଷ୍ୟ ନେଇ ପଠାଇଛନ୍ତି। ଆମକୁ ସଦାସର୍ବଦା ସ୍ୱଚ୍ଛତା ଓ ସାଧୁତାପୂର୍ଣ୍ଣ ଭାବେ କର୍ତ୍ତବ୍ୟ ନିର୍ବାହ କରିବାକୁ ପଡ଼ିବ। ସାଧୁତା ଓ ସ୍ୱଚ୍ଛତା ମାନବ ଜୀବନର ବ୍ରତ ଭାବେ ଗ୍ରହଣ କରିବା ସହିତ ଆମ ସମସ୍ତଙ୍କୁ ବୈଶ୍ୱକ ଏକତା ମଧ୍ୟରେ ରହିବାକୁ ପଡ଼ିବ। ବୈଶ୍ୱିକ ଏକତା ଓ ବିଶ୍ୱାସ ପାଇଁ ଯୋଗ ସାଧନ ବଳିଷ୍ଠ ମାଧ୍ୟମ ବୋଲି ବାଚସ୍ପତି ସୁରମା ପାଢ଼ୀ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଜଙ୍କିଆ ସେବାକେନ୍ଦ୍ରର ରୌପ୍ୟ ଜୟନ୍ତୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ ଯୋଗଦେଇ କହିଲେ, ମାନବ ସମାଜ ପାଇଁ ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଭଉଣୀଙ୍କ ଅବଦାନ ଅତୁଳନୀୟ। ସେମାନେ ଗାଁ ଗାଁ ବୁଲି ଲୋକଙ୍କୁ ଗୀତାଜ୍ଞାନ ଦେବା ସହିତ ନୈତିକ ଶିକ୍ଷା ପ୍ରଦାନ କରୁଛନ୍ତି। ବିକେ କଳ୍ପନା ଭଉଣୀଙ୍କ ପରିଚାଳନାରେ ଅନୁଷ୍ଠିତ ରୌପ୍ୟ ଜୟନ୍ତୀ ସମାରୋହରେ ବରିଷ୍ଠ ବିଜେପି ନେତା କେଳୁ ଚରଣ ଜଗଦେବ, ଯୁବ ନେତା ମହେଶ ରାଉତରାୟ, ମାଉ ଆବୁ ଗ୍ରାମ ବିକାଶ ରାଷ୍ଟ୍ରୀୟ ସଂଯୋଜକ କେ ରାଜୁ ଭାଇଜୀ, ଯୁଗ୍ମ ମୁଖ୍ୟ ପ୍ରଶାସକ ଆଶା ଦିଦିଜୀ, ଭୁବନେଶ୍ୱର ସବଜୋନ ନିର୍ଦ୍ଦେଶକ ବ୍ରହ୍ମକୁମାରୀ ଲିନା ଭଉଣୀ, ବିକେ ଦୁର୍ଗେସ ଭଉଣୀ, ଜଙ୍କିଆ ସେବା କେନ୍ଦ୍ରର ମୁଖ୍ୟ ସଞ୍ଚାଳିକା ବିକେ ଉମା, ବିକେ ପ୍ରଭାସିନୀ ପ୍ରମୁଖ ଯୋଗଦେଇ ବାବାଙ୍କ ଦିବ୍ୟ ବଚନ ପ୍ରଦାନ କରିବା ସହିତ ସତ୍ୟ ଯୁଗର ଦୁନିଆ ବିଷୟରେ ଆଲୋକପାତ କରିଥିଲେ। ରୌପ୍ୟ ଜୟନ୍ତୀର ପ୍ରଥମାର୍ଦ୍ଧରେ ଶହେରୁ ଅଧିକ ସାଧୁସନ୍ଥଙ୍କୁ ନେଇ ସମ୍ମିଳନୀ କରାଯାଇଥିଲା। ସନ୍ଥମାନେ ତାଙ୍କର ଦିବ୍ୟ ବଚନ ପ୍ରଦାନ କରିବା ସହିତ ଦିବ୍ୟ ବଚନ ପ୍ରଦାନ କରି ଲୋକଙ୍କୁ ଆଧ୍ୟାତ୍ମିକ ମାର୍ଗରେ ଯିବାକୁ ପ୍ରେରଣା ଦେଇଥିଲେ। ଦ୍ୱିତୀୟାର୍ଦ୍ଧରେ ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ସମାଜର ବିଭିନ୍ନ ବର୍ଗର ଲୋକଙ୍କୁ ସମ୍ମାନିତ କରାଯାଇଥିଲା। ବିକେ ଅଭିମନ୍ୟୁ, ବିକେ ଉମେଶ, ବିକେ ରଙ୍କ, ବିକେ ମଧୁ ଭାଇ, ଆଶ୍ରମର ସମସ୍ତ ଭଉଣୀ କାର୍ଯ୍ୟକ୍ରମ ପରିଚାଳନ କରିଥିଲେ। ଜଙ୍କିଆ ସେବା କେନ୍ଦ୍ର ଆନୁକୂଲ୍ୟରେ ଥିବା ପ୍ରାୟ ଦେଢଶହ ଗୀତା ପାଠଶାଳାରୁ ପ୍ରାୟ ୫୦୦୦ରୁ ଅଧିକ ଭାଇ ଭଉଣୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ବିକେ ମହେଶ୍ୱର ଧନ୍ୟବାଦ ଅର୍ପଣ କରିଥିଲେ।

## କାଙ୍କଣଶିଖରୀ ପୀଠରେ ଶ୍ରୀଜଗନ୍ନାଥ ମହୋତ୍ସବ ଉଦ୍‌ଘାଟିତ



ବାଲୁଗାଁ,୧୨।୧୨(ସମିସ): ଚିଲିକା ବ୍ଲକ୍ ଅନ୍ତର୍ଗତ ନଈରୀସ୍ଥ ଚିଲିକା ଜଳରାଶି ମଧ୍ୟରେ ଶ୍ରୀଜଗନ୍ନାଥଙ୍କ ଲୀଳାକ୍ଷେତ୍ର କାଙ୍କଣଶିଖରୀରେ ଚାରିଦିନ ବ୍ୟାପି ଅନୁଷ୍ଠିତ ହେବାକୁ ଥିବା ୮ମ ଶ୍ରୀଜଗନ୍ନାଥ ମହୋତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏ ଅବସରରେ ନିମ୍ବ ଦାରୁରେ ନିର୍ମିତ ଶ୍ରୀଜଗନ୍ନାଥଙ୍କ ୨୪ ଦିବ୍ୟ ବେଶ ପ୍ରଦର୍ଶିତ ହେବା ସହ ହୋମଯଜ୍ଞ, ଘୃତଯଜ୍ଞ, ପ୍ରବଚନ, ଅନ୍ନଯଜ୍ଞ ଆଦି ଅନୁଷ୍ଠିତ ହେବାକୁ ଥିବାବେଳେ ଉକ୍ତ ମହୋତ୍ସବର ବିଭିନ୍ନ ଦିବସରେ ଅତିଥି ଭାବେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଶୁକ୍ରବାର ମହୋତ୍ସବର ଉଦ୍‌ଘାଟନୀ ଅବସରରେ ସକାଳୁ ଶ୍ରୀକ୍ଷେତ୍ର ପୁରୀ ଶ୍ରୀମନ୍ଦିର, ବାଣପୁର ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀ, ଆରାଧ୍ୟ ଦେବ ଶ୍ରୀରଙ୍କନାଥ ଦେବ, ଚରଣଚକା ଦେବ ଓ ବାଲୁଗାଁ ସାମନ୍ତରାପୁରସ୍ଥ ଶ୍ରୀଦଧିବାମନଦେବଙ୍କ ସମେତ ଚିଲିକା ବାଣପୁର ଅଞ୍ଚଳର ୩୨ ଶ୍ରୀଜଗନ୍ନାଥ ମନ୍ଦିରରୁ ଅଜ୍ଞାମାଳ ଆସି କାଙ୍କଣ ଶିଖରୀ ପୀଠକୁ ବିଜେ କରିବା ପରେ ଟ୍ରଷ୍ଟ ପକ୍ଷରୁ ସ୍ୱାଗତ ପୂର୍ବକ ଡଙ୍ଗାରେ କାଙ୍କଣ ଶିଖରୀ ଚତୁପାଶ୍ୱର୍ ଚିଲିକା ଜଳରେ ପରିକ୍ରମା କରି ପୀଠ ଯଜ୍ଞ ସ୍ଥଳରେ ସ୍ଥାପନା କରାଯାଇ ଯଜ୍ଞ ଆରମ୍ଭ ହୋଇଯାଇଛି। କାଙ୍କଣଶିଖରୀ ଟ୍ରଷ୍ଟ କର୍ମକର୍ତ୍ତା ଓ ନଈରୀ ଗ୍ରାମବାସୀ ଉପସ୍ଥିତ ରହି ଏହି ମହୋତ୍ସବର ସୁପରିଚାଳନା କରୁଥିବାବେଳେ ପୀଠରେ ଆଖପାଖ ଅଞ୍ଚଳର ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇ ମହାପ୍ରଭୁଙ୍କ ଆଶୀର୍ବାଦ ଲାଭ କରୁଛନ୍ତି।

## ବୀଣାପାଣି ଶିଶୁମନ୍ଦିର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ



ଖୋର୍ଦ୍ଧା,୧୨।୧୨(ସମିସ): ସ୍ଥାନୀୟ ଗାନ୍ଧୀ ପଡ଼ିଆସ୍ଥ ବୀଣାପାଣି ଶିଶୁ ବିଦ୍ୟାମନ୍ଦିରରେ ଚାରିଦିନ ଧରି ଚାଲିଥିବା ୩୬ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦଯାପିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ପରିଚାଳନା କମିଟି ସଭ୍ୟ ବିରଞ୍ଚି ସାହୁଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ମୃତ୍ତିକା ସଂରକ୍ଷଣ ବିଭାଗର ପୂର୍ବତନ ପ୍ରକଳ୍ପ ନିର୍ଦ୍ଦେଶକ କପିଳେନ୍ଦ୍ର ସ୍ୱାଇଁ, ମୁଖ୍ୟବକ୍ତା ଭାବେ ପୂର୍ବତନ ପ୍ରାଧ୍ୟାପକ କର୍ମୋଦୟ ଛୋଟରାୟ ଯୋଗ ଦେଇଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ରୂପେ ପୂର୍ବତନ ଚକବନ୍ଦୀ ଅଧିକାରୀ ଜମେଶ୍ୱର ସାହୁ, ମୁଖ୍ୟବକ୍ତା ଭାବେ ବୋଲଗଡ ବାଳିକା ଉଚ୍ଚବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ବ୍ରଜକିଶୋର ରାୟଗୁରୁ, ସମ୍ମାନିତ ଅତିଥି ଭାବେ ନ୍ୟୁ ଇଣ୍ଡିଆ ଆସ୍ୟୁରାନ୍ସର ପୂର୍ବତନ ପ୍ରଶାସନିକ ଅଧିକାରୀ ସୁବ୍ରତ ମହାନ୍ତି ଯୋଗଦେଇଥିଲେ। କ୍ରୀଡ଼ା ପ୍ରତିଯୋଗିତାର ୩୨୦ ଜଣ କୃତୀ ପ୍ରତିଯୋଗୀ ସିନିୟର ଗ୍ରୁପ୍‌ର ଶୁଭମ ବିନାୟକ ରଣା ଓ ଜୁନିୟର ଗ୍ରୁପ୍‌ର ସ୍ମୃତିରେଖା ପାଇକରାୟଙ୍କୁ ଚମ୍ପିଅନ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ପ୍ରଧାନଶିକ୍ଷକ ରେଣୁକା ମହାନ୍ତି, ପ୍ରଶାନ୍ତ ସୁନ୍ଦରାରାୟ, ନିରାକାର ପ୍ରଧାନ, ପରିଚାଳନା କମିଟି ସମ୍ପାଦିକା ଜ୍ୟୋସ୍ନାମୟୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ନୃସିଂହ ମହାପାତ୍ର ଉତ୍ସବ ପରିଚାଳନା କରିଥିବାବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ୧୭ରେ ଭଗବତୀପୁର ମୌଜାରେ ଜବରଦଖଲ ଉଚ୍ଛେଦ

ବାଲୁଗାଁ,୧୨।୧୨(ସମିସ): ରାଜ୍ୟ ଉଚ୍ଚନ୍ୟାୟାଳୟ ନିର୍ଦ୍ଦେଶକ୍ରମେ ଆସନ୍ତା ୧୭ ତାରିଖରେ ଚିଲିକା ତହସିଲ ଅନ୍ତର୍ଗତ ଭଗବତୀପୁର ମୌଜାର ଗୋଚର ଜମିରେ ବାସଗୃହ ଓ ଦୋକାନ ଘର କରିଥିବା ୪୫ ଜଣ ଜବରଦଖଲକାରୀଙ୍କୁ ଉଚ୍ଛେଦ କରାଯିବ। ଏ ନେଇ ସମ୍ପୃକ୍ତ ୪୫ ଜଣ ଜବରଦଖଲକାରୀଙ୍କୁ ନୋଟିସ ଜାରି କରାଯାଇଥିବା ଚିଲିକା ତହସିଲଦାର କାହ୍ନୁ ଚରଣ ଘଡ଼େଇ ସୂଚନା ଦେଇଛନ୍ତି। ସୂଚନା ମୁତାବକ, ବେଆଇନ ଭାବେ ଦୀର୍ଘବର୍ଷ ଧରି ୪୫ ଜଣ ଜବରଦଖଲକାରୀ ଭଗବତୀପୁର ମୌଜାର ଗୋଚର କିସମ ସରକାରୀ ଜମି ଖାତା ନଂ୧୦୯୬, ପ୍ଲଟ ନଂ ୨୧୧୫ ଓ ୨୧୨୧ରେ ବାସଗୃହ ଓ ଦୋକାନ ଘର କରି ବସବାସ କରିଆସୁଛନ୍ତି। ଉକ୍ତ ଅଞ୍ଚଳବାସୀ ଏ ନେଇ ରାଜ୍ୟ ଉଚ୍ଚନ୍ୟାୟାଳୟରେ ଏକ ପିଟିସନ ଦାୟର କରିଥିଲେ। ମାମଲାର ବିଚାର କରି ଓଡ଼ିଶା ହାଇକୋର୍ଟଙ୍କ ଡବ୍ଲୁପି (ସି) ଚିଠି ନଂ୭୮୨୪/୨୦୧୪ ମୁତାବକ ସମ୍ପୃକ୍ତ ୪୫ ଜବରଦଖଲକାରୀଙ୍କୁ ଉଚ୍ଛେଦ ନିମନ୍ତେ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ନିର୍ଦ୍ଦେଶକ୍ରମେ ଚିଲିକା ତହସିଲ ପକ୍ଷରୁ ଆସନ୍ତା ୧୭ରୁ ୨୦ ତାରିଖ ପର୍ଯ୍ୟନ୍ତ ଜବରଦଖଲ ଉଚ୍ଛେଦ ନିମନ୍ତେ ଦିନ ଧାର୍ଯ୍ୟ କରାଯିବା ସହ ଜବରଦଖଲକାରୀଙ୍କୁ ନୋଟିସ ଦିଆଯାଇଛି। ୧୬ ତାରିଖ ସୁଦ୍ଧା ସମ୍ପୃକ୍ତ ଜବରଦଖଲକାରୀ ଉକ୍ତ ଜମିକୁ ଜବରଦଖଲ ମୁକ୍ତ ନ କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତହସିଲ ପକ୍ଷରୁ ସୂଚନା ମିଳିଛି।

ବେଣାପଞ୍ଜାରୀରେ ବୋମାମାଡ଼ ଘଟଣା

## ଫେରାର୍ ଅଭିଯୁକ୍ତ ଗିରଫ

ଜଟଣୀ, ୧୨।୧୨(ସମିସ): ଜଟଣୀ ଥାନା ଅନ୍ତର୍ଗତ ବେଣାପଞ୍ଜାରୀରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବୋମାମାଡ଼ ଘଟଣାରେ ଫେରାର ଅଭିଯୁକ୍ତକୁ ଗିରଫ କରିଛି ପୁଲିସ। ଗିରଫ ଅଭିଯୁକ୍ତ ବେଣାପଞ୍ଜାରୀର ଏସ.କେ ଇବାଦୁଲ୍ଲା ଓରଫ୍ ଏସ.କେ କୁର୍ବାନ (୨୫)। ଅଭିଯୁକ୍ତ ଜଣେ ପେଷାଦାର ଅପରାଧୀ ହୋଇଥିବାବେଳେ ଅନ୍ୟ ଥାନାରେ ଅପରାଧିକ ମାମଲା ରହିଥିବା ଜଣାପଡ଼ିଛି। ଗତ ଜୁଲାଇ ୨୭ ତାରିଖ ସନ୍ଧ୍ୟାରେ ଅଞ୍ଚଳରେ ପୂର୍ବରୁ ଗିରଫ



ହୋଇଥିବା ଗ୍ରାମର ଦୁଇ ଅଭିଯୁକ୍ତ ମହମ୍ମଦ ସମସେର ଓରଫ୍ ହାମ୍ମା, ସାବିତ୍ ଖାନ୍ ଓରଫ୍ ବଣ୍ଟି ଓ ଆଜି ଗିରଫ ଅଭିଯୁକ୍ତ କୁର୍ବାନ ମିଶି ଗାଁର ବଡ଼ି ମସଜିଦ୍ ନିକଟରେ ଆତଙ୍କ ଖେଳାଇ ଆସୁଥିଲେ। ସେମାନେ ସ୍ଥାନୀୟ ଲୋକଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ହତ୍ୟା କରିବା ଉଦ୍ଦେଶ୍ୟରେ ଗାଁ ଲୋକଙ୍କ ଉପରକୁ ବୋମା ମାଡ଼ କରିଥିଲେ। ବୋମା ମାଡ଼ରେ ଗାଁର ମହମ୍ମଦ ଫରହାନ୍ ଓ ସନ୍ତୋଷ ଗୁରୁତର ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଏ ନେଇ ଥାନାରେ ଅଭିଯୋଗ ପରେ ପୁଲିସ ତଦନ୍ତ ସମୟରେ ଜାଣିବାକୁ ପାଇଥିଲା ଯେ, ଉଭୟ ଗୋଷ୍ଠୀ ନିଜ ନିଜର ଦବଦବା ବଜାୟ ରଖିବାକୁ ଅଞ୍ଚଳରେ ଆତଙ୍କ ଖେଳାଉଛନ୍ତି। ବିଭିନ୍ନ ସମୟରେ ବୋମା ଓ ମାରଣାସ୍ତ୍ର ଧରି ଲୋକଙ୍କୁ ଭୟଭୀତ କରୁଥିଲେ। ଘଟଣା ଘଟାଇ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ପୁଲିସ ତଦନ୍ତ କରୁଥିବାବେଳେ ନଭେମ୍ବର ୪ ତାରିଖରେ ବଣ୍ଟିକୁ ଗିରଫ କରିଥିବାବେଳେ ୫ ତାରିଖରେ ହାମ୍ମାକୁ ଗିରଫ କରିଥିଲା। ସେବେଠୁ କୁର୍ବାନ ଫେରାର ଥିବାବେଳେ ଆଜି ଗିରଫ କରାଯାଇଛି। ଏ ନେଇ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି ପୁଲିସ।

## ଜିଲ୍ଲାସ୍ତରୀୟ ଦକ୍ଷତା ଅଭିବୃଦ୍ଧି ତାଲିମ ଶିବିର

କୃଷ୍ଣପ୍ରସାଦ,୧୨।୧୨(ସମିସ): ପୁରୀ ଜିଲ୍ଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକ ମୁଖ୍ୟ ପ୍ରାଣୀ ଚିକିତ୍ସାଳୟ ପରିସରରେ ଜିଲ୍ଲା ସ୍ତରୀୟ ଛେଳି ଓ ମେଣ୍ଢା ପାଳନ ଦକ୍ଷତା ଅଭିବୃଦ୍ଧି ତାଲିମ ଶିବିର ଗୁରୁବାର ଉଦଯାପିତ ହୋଇଯାଇଛି। ଏହି ଅବସରରେ ବ୍ଲକ ଅନ୍ତର୍ଗତ ବିଭିନ୍ନ



ପଞ୍ଚାୟତରୁ ଆସିଥିବା ୨୦ ଜଣ ଅଗ୍ରଣୀ ଚାଷୀ ମାନଙ୍କୁ ନେଇ ସିଆଣ୍ଡି ପଞ୍ଚାୟତର ଗୋପାଳପୁର ଠାରେ ଅବସ୍ଥିତ ଏକ ଉନ୍ନତ ଛେଳି ଫାର୍ମକୁ କ୍ଷେତ୍ର ପରିଦର୍ଶନ ନିମନ୍ତେ ନିଆଯାଇଥିଲା। ତତ୍ପରେ ସରକାରଙ୍କ ଦ୍ୱାରା ପଦତ୍ତ ମାଲୁଦ ଠାରେ ଅବସ୍ଥିତ ଛେଳି ଫାର୍ମକୁ ବୁଲି ଦେଖିଥିଲେ। ବ୍ଲକ ପ୍ରାଣୀ ଚିକିତ୍ସାଳୟ ସହକାରୀ ଡା ଗୁରୁ ପ୍ରସନ୍ନ ସାହୁ ନୂତନ ଚାଷୀ ମାନଙ୍କୁ ଉନ୍ନତ ବାସସ୍ଥାନ, ଖାଦ୍ୟ ପରିଚାଳନା ଓ ରକ୍ଷଣାବେକ୍ଷଣ ବିଷୟରେ ଚାଷୀ ମାନଙ୍କୁ ଅବଗତ କରାଇଥିଲେ। ପରେ ବ୍ଲକ ମୁଖ୍ୟ ପ୍ରାଣୀ ଚିକିତ୍ସାଳୟ ପରିସରରେ ମୁଖ୍ୟ ପ୍ରାଣୀ ଚିକିତ୍ସକ ଡା କିଶୋର କୁମାର ଦାସଙ୍କ ଅଧ୍ୟକ୍ଷତାରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ସମସ୍ତ ଚାଷୀ ନିଜ ନିଜ ଛେଳି ମେଣ୍ଢା ମାନଙ୍କ ଗୋ ସମ୍ପଦ ବୀମା ଯୋଜନା ୨୦୨୫/୨୬ରେ ବୀମାଭୁକ୍ତ କରିବା ପାଇଁ ପ୍ରବର୍ତ୍ତାଇ ଥିଲେ। ଚାଷୀ ମାନଙ୍କୁ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ପ୍ରଶିକ୍ଷଣ କର୍ମଶାଳାରେ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସକ ଡା ସୁଦତ୍ତା ପଟ୍ଟନାୟକ, ପ୍ରତାପ ଚନ୍ଦ୍ର ପ୍ରଧାନ, ଅରୁଣ କୁମାର ଜେନା, ଅଜୟ କୁମାର ବିଶ୍ୱାଳ ସମେତ ପ୍ରାଣୀ ଚିକିତ୍ସାଳୟର ଅନ୍ୟାନ୍ୟ କର୍ମଚାରୀ ମାନେ ସହଯୋଗ କରିଥିଲେ।

## ମୁକ୍ତାପୁର କ୍ଲଷ୍ଟରରେ ଶିକ୍ଷା ସଚେତନତା ସଭା



ଖୋର୍ଦ୍ଧା,୧୨।୧୨(ସମିସ): ମୁକ୍ତାପୁର କ୍ଲଷ୍ଟର ବିଙ୍କୁଡିଆ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଶିକ୍ଷା ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ପ୍ରତିମା ମହାପାତ୍ରଙ୍କ ସଭାପତିତ୍ୱରେ ମଲ୍ଲିପୁର ସରପଞ୍ଚ ସୁଦାମ ସେଠୀ, ମୁକ୍ତାପୁର କ୍ଲଷ୍ଟରର ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ, ସହକାରୀ ଶିକ୍ଷକ, ଏସଏମସି ମେମ୍ବର, ଅଙ୍ଗନବାଡି କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ। ସଭାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ସାକ୍ଷରତା ଓ କର୍ମ କୁଶଳତା ପାଇଁ ସଚେତନତା। ଏହି କାର୍ଯ୍ୟକ୍ରମକୁ ମୁକ୍ତାପୁର କ୍ଲଷ୍ଟରର ସିଆରସିସି ପୂର୍ଣ୍ଣଲକ୍ଷ୍ମୀ ମହାରଣା ପରିଚାଳନା କରିଥିଲେ। ବିଙ୍କୁଡ଼ିଆ ବିଦ୍ୟାଳୟର ପ୍ରଧାନଶିକ୍ଷକ ନରହରି ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମମତା ବେହେରା, ସ୍ନେହଲତା ପ୍ରଧାନ, ଭାଗୀରଥି ଦାସ, ଭରତ ନାୟକ, ଶାନ୍ତିଲତା ପୃଷ୍ଟି, ସୁକାନ୍ତ ସେଠୀ, ଲକ୍ଷ୍ମୀଧର ପଣ୍ଡା, ରମେଶ ପ୍ରଧାନ, ନୃସିଂହ ବେହେରା, ସ୍ନେହଲତା ସାହୁ, ମିନାକ୍ଷୀ ରାଉତ ପ୍ରମୁଖ ଯୋଗ ଦେଇଥିଲେ।

ଜବରଦଖଲକାରୀଙ୍କ କବ୍‌ଜାରେ ଶ୍ମଶାନ ଜମି

## ସୁରକ୍ଷା ଦାବିକଲେ ଗ୍ରାମବାସୀ

ଖୋର୍ଦ୍ଧା,୧୨।୧୨(ସମିସ)

ପ୍ରଶାସନିକ ଉଦାସୀନତା ହେଉ କିମ୍ବା ଆନ୍ତରିକତା ଅଭାବରୁ ସରକାର ଜମି ହଡ଼ପ ବ୍ୟକ୍ତିଙ୍କ ସଂଖ୍ୟା ଥମିବା ନାଁ ଧରୁନି। ବିଭିନ୍ନ ଅଞ୍ଚଳରେ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବାବେଳେ କିଛି ସ୍ଥାନରେ ଉତ୍ତେଜନା ସୃଷ୍ଟି ହେଉଛି। ଜନସାଧାରଣ ବହୁ ହଇରାଣ ହେଉଥିବାବେଳେ ପ୍ରଶାସନ କିନ୍ତୁ ସବୁ ଜାଣି ଅଜଣା ରହୁଛି। ଆଶ୍ଚର୍ଯ୍ୟର କଥା ସରକାରୀ ଜମିକୁ ନିଜ କବଜାରେ ରଖି ଜବରଦଖଲକାରୀ ତାହା ଉପରେ ବେଧଡ଼କ ଭାବେ ଗୃହ ନିର୍ମାଣ କରି ବସବାସ କରୁଛନ୍ତି। ଅନ୍ୟ କିଛି ଦଲାଲଙ୍କ ଇଙ୍ଗିତରେ ସରକାରୀ ଜମିକୁ ପ୍ଲଟିଂ କରି ବେଶ ଫାଇଦା ଉଠାଉଛନ୍ତି। ଏଭଳି ହେବା ଦ୍ୱାର ସରକାରୀ ଜମି ବେଳକୁ ବେଳ ହ୍ରାସ ପାଇବାରେ ଲାଗିଛି। ତେଣୁ ସ୍ଥାନୀୟ ଅଞ୍ଚଳର ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେବାରେ ଲାଗିଛି।

ଭୁବନେଶ୍ୱରରେ ଜମି ଦର ଆକାଶ ଛୁଆଁ ହୋଇଥିବାବେଳେ ଏହି କିଛିବର୍ଷ ହେବ ବହୁ ଜମିକ୍ରେତା ଖୋର୍ଦ୍ଧା ମୁହାଁ ହୋଇଥିବା ଜଣାଯାଇଛି। ସ୍ୱଳ୍ପ ଦରରେ ବିନା କାଗଜପତ୍ରରେ ସରକାରୀ ଜମି ବିକ୍ରି କରିବାରେ ଦଲାଲ ସଫଳ ହେଉଥିବା ଅଭିଯୋଗ ହେଉଛି। ଆଉ କିଛି ସରକାରୀ ଜମିକୁ ଜବରଦଖଲ କରିଥିବା ଲୋକେ ତାହା ଉପରେ ଘର କରି ଅର୍ଥ ରୋଜଗାର ପଛରେ ଗୋଡ଼ାଉଥିବା ଜଣାଯାଇଛି। ବର୍ତ୍ତମାନ ପରିସ୍ଥିତିରେ ସରକାରୀ ଜମି ଚାଖଣ୍ଡେ ମିଳିବା ପ୍ରଶାସନକୁ କଷ୍ଟକର ହୋଇପଡ଼ିଥିବାବେଳେ ସହର ଓ ଗ୍ରାମାଞ୍ଚଳରେ ଅଧିକାଂଶ ସରକାରୀ ଜମି ଜବରଦଖଲରେ ଥିବା ଜଣାଯାଇଛି। ଏଭଳି ଏକ ଅଭିଯୋଗ ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ଦୁର୍ଗାପୁର ଓ ଝିଙ୍କିଝାରୀ ଦୁଇଟି ମୌଜାର ଗ୍ରାମବାସୀ କରିଛନ୍ତି। ଗାଁର ଶ୍ମଶାନ ଜମି ଜବରଦଖଲ କରି ଜଣେ ବ୍ୟକ୍ତି ରଖିଛନ୍ତି। ପ୍ରତିବାଦ କଲେ ବନ୍ଧୁକ ଭୟ ଦେଖାଇବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରୁଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଏ ନେଇ ଗ୍ରାମବାସୀଙ୍କ ପକ୍ଷରୁ ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ କରାଯାଇଥିଲେ ହେଁ କାର୍ଯ୍ୟାନୁଷ୍ଠାନରେ ବିଳମ୍ବ ହେଉଥିବାରୁ ସ୍ଥାନୀୟ ଲୋକ ଆଜି ପୁନର୍ବାର ଉପଜିଲ୍ଲାପାଳ କିଶୋର ପଣ୍ଡାଙ୍କୁ ଭେଟି ଅଭିଯୋଗ କରିଛନ୍ତି।

ଖୋର୍ଦ୍ଧା ତହସିଲର ଝିଙ୍କିଝାରୀ ମୌଜାର ଖାତା ନଂ୬୦୧, ପ୍ଲଟନଂ୧୧୭୫ରେ ଏ ୧.୩୦୦ ଡିସିମିଲ କିସମ-ଶ୍ମଶାନ ଜମି ରହିଛି। ଏହି ଜମିରେ ପୂର୍ବପୁରୁଷରୁ ଦୁର୍ଗାପୁର ଓ ଝିଙ୍କିଝାରୀ ଗ୍ରାମବାସୀ ଶବଦାହ କରିଆସୁଛନ୍ତି। ଏହି ଜମିର କିଛି ଅଂଶକୁ ଦୁର୍ଗାପୁର ଗାଁର ଜଣେ ବ୍ୟକ୍ତି ଜବରଦଖଲ କରି ଘର କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଜବରଦଖଲ ସମୟରେ ଗ୍ରାମବାସୀ ବାରଣ କରିବାରୁ ସେମାନଙ୍କୁ ବନ୍ଧୁକ ଭୟ ଦେଖାଇବା ସହ ଗାଳିଗୁଲଜ କରୁଥିବା ଗ୍ରାମର କେତେକ ଲୋକ ଅଭିଯୋଗ କରିଛନ୍ତି। ଗ୍ରାମବାସୀଙ୍କ କହିବା ଅନୁସାରେ, ସମ୍ପୃକ୍ତ ବ୍ୟକ୍ତି ଜବରଦଖଲ ସମୟରେ ବାରଣ ସତ୍ତ୍ୱେ ସେ ଏହାକୁ ମାନି ନ ଥିଲେ। କିଛିଦିନ ତଳେ ଏ ନେଇ ଆମ୍ଭେମାନେ ତହସିଲଦାର ଓ ଉପଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲୁ।୨ମୌଜାର ଲୋକଙ୍କ ଅଭିଯୋଗକୁ ବିଚାର କରି ଶ୍ମଶାନ ଜମିର ସୁରକ୍ଷା ଓ ଖଳ ପ୍ରକୃତିର ଜବରଦଖଲକାରୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଲାଗି ଦାବି କରିଥିଲୁ। ଆଜି ପର୍ଯ୍ୟନ୍ତ ରାଜସ୍ୱ ବିଭାଗ ପକ୍ଷରୁ ଜବରଦଖଲ ଉଚ୍ଛେଦ ସମ୍ପର୍କରେ ପଦକ୍ଷେପ ନ ନିଆଯିବା ଦୁର୍ଭାଗ୍ୟର ବିଷୟ ବୋଲି କହିଥିଲେ। ଯଥାଶୀଘ୍ର ଶ୍ମଶାନ ଜମିର ସୁରକ୍ଷା ଲାଗି ପଦକ୍ଷେପ ଗ୍ରହଣ କରାଯିବାକୁ ଗ୍ରାମବାସୀ ଆଜି ପୁନର୍ବାର ଉପଜିଲ୍ଲାପାଳଙ୍କୁ ଭେଟି ଦାବି କରିଛନ୍ତି। ଏ ସମ୍ପର୍କରେ ଉପଜିଲ୍ଲାପାଳ ଶ୍ରୀ ପଣ୍ଡାଙ୍କୁ ପଚାରିବାରୁ ଅଭିଯୋଗ ଆସିଛି। ଏହାର ତଦନ୍ତ ଲାଗି ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତହସିଲଦାର ବିଭାସ ପାଣିଗ୍ରାହୀଙ୍କୁ ପଚାରିବାରୁ ଅଭିଯୋଗକୁ ଗୁରୁତର ସହ ନିଆଯାଇଛି। ଏହା ଉପରେ ତଦନ୍ତ ଚାଲିଛି। ମାପଚୁପ କରାଯାଇ ଜବରଦଖଲ କରିଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

